ଲୀଳାମୟଙ୍କୁ ସମର୍ପିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କଳା ଓ ସ୍ଥାପତ୍ୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୩୮ ● ୭ ଜାନୁଆରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -30 ● Issue-338 ● 7th January 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24







ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ପୃଷ୍ଠା–୩
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୦ • ସଂଖ୍ୟା–୩୩୮ • ୭ ଜାନୁଆରୀ ୨୦୨୪, ରବିବାର • ଭୁବନେଶ୍ୱର • Vol -30 • Issue-338 • 7th January 2024, Sunday • Bhubaneswar
Licensed to post without pre-payment of postage No- BN-60/22-24

## ବାଲେଶ୍ୱରରେ ଉଦ୍‌ଯାପିତ ହେଲା ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ

# କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ: ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର, ୬।୧
ନ୍ୟୁଜ୍

ରାଜ୍ୟରେ ଯୁବ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାରଙ୍କର ଅନ୍ୟତମ ପ୍ରୟାସ ନୂଆ-ଓ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଶନିବାର ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ପୋଲିସ ଲାଇନ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି ଏହି କାର୍ଯ୍ୟକ୍ରମ। ସମଗ୍ର ଜିଲ୍ଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ୫-ଟି ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅଧିନସ୍ଥ ସମ୍ପଦ ଯୋଜନା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କ ନିମନ୍ତେ ୮୪ଟି ବ୍ୟାଟେରୀ ଚାଳିତ ଗାଡ଼ି ଉପସ୍ଥିତ ଦିବ୍ୟାଙ୍ଗଙ୍କୁ ହସ୍ତାନ୍ତର କରି ତାଙ୍କର ଶୁଭ ମନାସୀ ଥିଲେ । ଏହା ପରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରି ଶ୍ରୀ ପାଣ୍ଡିଆନ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ। ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ ଏହା ଯୁବକଯୁବତୀମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ (ପୃଷ୍ଠା ୭ରେ)




# ୨୭ରେ ସମଲେଇ ପ୍ରକଳ୍ପର ଲୋକାର୍ପଣ

## ମୁଖ୍ୟମନ୍ତ୍ରୀଙ୍କୁ ଆସିଲା ନିମନ୍ତ୍ରଣ

ଭୁବନେଶ୍ୱର, ୬।୧
ନ୍ୟୁଜ୍ ବ୍ୟୁରୋ

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ଚାଲିଛି ରୂପାନ୍ତରଣ। ଆଗାମୀ ୨୭ ତାରିଖରେ ହେବ ପ୍ରକଳ୍ପର ଲୋକାର୍ପଣ।

ଏହି ପରିପ୍ରେକ୍ଷୀରେ ଶନିବାର ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ, ସଭାପତି ଓ ପୂଜାରୀ ମାନେ ନବୀନ ନିବାସ ଆସି ମଙ୍ଗଳାଷ୍ଟକ ଗାନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରିଥିଲେ ଏବଂ ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ଦେଇଥିଲେ।

ମା'ଙ୍କ ପୀଠର ରୂପାନ୍ତର ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଥିଲେ। ସେମାନେ କହିଥିଲେ ଯେ ଲୋକାର୍ପଣ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସବୁ ଘରକୁ ନଡିଆ ଦିଆଯିବ ଏବଂ ସବୁ ଘରୁ ମା'ଙ୍କ ପାଇଁ ସିନ୍ଦୁର ଆସିବ।

ମା'ଙ୍କ କାମରେ ସମସ୍ତଙ୍କ ସହଯୋଗ କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା'ଙ୍କ ପୀଠ ଓ ସମ୍ବଲପୁର ସହରର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ।



୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ମା'ଙ୍କ ଆଶୀର୍ବାଦରୁ ସବୁ କାମ ଭଲରେ ଭଲରେ ଚାଲିଛି ଏବଂ ଆଗକୁ ମଧ୍ୟ ସବୁ କାମ ଭଲରେ ହେବ। ସମସ୍ତଙ୍କ ସହଯୋଗରେ ରୂପାନ୍ତର କାମ ଜାରି ରହିବ।

ସୂଚନାଯୋଗ୍ୟ ଯେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ଷୋଡଶ ଶତାବ୍ଦୀର ଏକ ପ୍ରସିଦ୍ଧ ପୀଠ । ଏହାର ଉନ୍ନତି ପାଇଁ ୨୦୨୧ ମସିହାରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏଥିପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଭକ୍ତମାନଙ୍କ ପାଇଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି । ମନ୍ଦିର ସହିତ ମହାନଦୀ ଘାଟର ମଧ୍ୟ ଉନ୍ନତିକରଣ କରାଯାଉଛି। ଏହି ପ୍ରକଳ୍ପର ସଠିକ କାର୍ଯ୍ୟାନ୍ୱୟନ ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଅନେକ ଥର ସମ୍ବଲପୁର ଯାଇ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପୂର୍ବରୁ ସେମାନେ ମା'ସମଲେଶ୍ୱରୀଙ୍କୁ ପୂଜା କରି ମା' ପାଟଣେଶ୍ୱରୀ, ମା' ଦଶମତୀ, ମା' ବାଟମଙ୍ଗଳା, ବାବା ସୋମନାଥଙ୍କୁ ଏବଂ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରିଥିଲେ।

## ଓଡ଼ିଶାରେ ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସ୍ଥଗିତ



ଭୁବନେଶ୍ୱର, ୬।୧
ନ୍ୟୁଜ୍ ବ୍ୟୁରୋ

ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସ୍ଥଗିତ ରହିଛି। ଏନେଇ ସୂଚନା ଦେଇଛନ୍ତି ପରିବହନ କମିଶନର ଅମିତାଭ ଠାକୁର। ସେ କହିଛନ୍ତି ଡ୍ରାଇଭର ସଂଘ ସହ ସରକାରଙ୍କ ଆଲୋଚନା ସଫଳ ହୋଇଛି । ସେମାନଙ୍କ ଅନେକ ଦାବି ରାଜ୍ୟ ସରକାର ପୂରଣ କରିଛନ୍ତି । ଡ୍ରାଇଭର କଲ୍ୟାଣ ବୋର୍ଡ ଗଠନ ହୋଇଛି। କଲ୍ୟାଣ ପାଣ୍ଠିରୁ ଦିଆଯିବାକୁ ଥିବା ଅର୍ଥରାଶିର ଚେକ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। ଏଣୁ ପରିବହନ ବିଭାଗକୁ ସହଯୋଗ କରି ସଂଘ ଆନ୍ଦୋଳନ ସ୍ଥଗିତ ରଖିଛନ୍ତି। ଭାରତ ସରକାରଙ୍କ ସହ ସେମାନଙ୍କ ଆଲୋଚନା ଚାଲିଛି।

ପରିବହନ କମିଶନର ଆହୁରି କହିଛନ୍ତି, ଏବେ ଡ୍ରାଇଭରମାନେ କାମକୁ ଯିବେ। ଡ୍ରାଇଭର ପରିବହନ ବ୍ୟବସ୍ଥା ସ୍ୱାଭାବିକ ହେବ। ଡ୍ରାଇଭର ଏକତା ମଞ୍ଚ ସହ ଆଲୋଚନା ପରେ ରାଜ୍ୟ ପରିବହନ କମିଶନର ଏହି ସୂଚନା ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦିନ ଧରି ଷ୍ଟିଅରିଂ ଛାଡ ଆନ୍ଦୋଳନ ଫଳରେ ଆନ୍ତଃରାଜ୍ୟ ପରିବହନ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଥିଲା। ଏନେଇ ସରକାର ଚିନ୍ତାରେ ପଡିଥିଲେ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଦଶପଲ୍ଲାକୁ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ ରେଳମନ୍ତ୍ରୀ

ଦଶପଲ୍ଲା, ୬।୧
ନ୍ୟୁଜ୍ ବ୍ୟୁରୋ

ଦଶପଲ୍ଲା ରେଳ ଷ୍ଟେସନରେ ପ୍ରାୟ ୮ ହଜାର ଲୋକଙ୍କ ସମାଗମରେ ଆୟୋଜିତ କାର୍ଯ୍ୟକ୍ରମରେ ରେଳ ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ନବନିର୍ମିତ ନୂଆଗାଁରୋଡ - ଦଶପଲ୍ଲା ରେଳ ସେକ୍ସନ, ଦଶପଲ୍ଲା ରେଳଷ୍ଟେସନ ବିଲ୍ଡିଂକୁ ଉଦ୍‌ଘାଟନ କରିବା ସହ ଦଶପଲ୍ଲାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ପତାକା ଉତ୍ତୋଳନ ପରେ ୪ଟି ପାସେଞ୍ଜର ଟ୍ରେନ୍ ୧୮୪୨୩/୧୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ଏକ୍ସପ୍ରେସ୍, ୦୮୪୨୯/୦୮୪୩୦ ଭୁବନେଶ୍ୱର-ନୂଆଗାଁରୋଡ୍-ଭୁବନେଶ୍ୱର ପାସେଞ୍ଜର ସ୍ପେଶାଲ୍, ୦୮୪୨୩/ ୦୮୪୨୪ ପୁରୀ-ନୂଆଗାଁରୋଡ୍-ପୁରୀ ପାସେଞ୍ଜର ସ୍ପେଶାଲ୍ (ପୃଷ୍ଠା ୭ରେ)



# ଆଇଟି ରୂପାନ୍ତରଣରେ ନୂଆ ଅଧ୍ୟାୟ ଲେଖିବ ଓଡ଼ିଶା

## ଆରମ୍ଭ ହେବ ରାଜ୍ୟ ସରକାରଙ୍କର ନିଜସ୍ୱ ଇଣ୍ଟରନେଟ ସେବା ଓଡ଼ିଶାନେଟ

ଭୁବନେଶ୍ୱର, ୬।୧
ନ୍ୟୁଜ୍ ବ୍ୟୁରୋ

ଆଇଟି ଓ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଆଉ ଏକ ରୂପାନ୍ତରଣ ଦେଖିବାକୁ ଯାଉଛି । ଖୁବ୍‌ଶୀଘ୍ର ରାଜ୍ୟ ସଚିବାଳୟ ସହ ଜିଲ୍ଲା ମୁଖ୍ୟାଳୟଠାରୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ସଂଯୋଗ ହେବ । ଏହି ଯୋଗାଯୋଗ ରୂପାନ୍ତରଣର ମୂଳ ଆଧାର ହେବ ଓଡ଼ିଶା ନେଟ ଇଣ୍ଟରନେଟ ସେବା। ଓଡ଼ିଶା ନେଟ ହେଉଛି ରାଜ୍ୟ ସରକାରଙ୍କର ନିଜସ୍ୱ ଇଣ୍ଟରନେଟ ସେବା। ପ୍ରଥମେ ଲୋକସେବା ଭବନ ସହ ଜିଲ୍ଲା ମୁଖ୍ୟାଳୟକୁ ଓଡ଼ିଶା ନେଟ ଜରିଆରେ ସଂଯୋଗ କରାଯିବ।




ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନାକୁ ଏହି ଅପଟିକ୍-ଫାଇବର ଆଧାରିତ ଇଣ୍ଟରନେଟ ବ୍ୟବସ୍ଥା ଜରିଆରେ ସେବା ଦିଆଯିବ। ଅନ୍ୟ ଇଣ୍ଟରନେଟ ସେବା ଠାରୁ ଓଡ଼ିଶାନେଟ ଅଧିକ ଦକ୍ଷ ସେବା ଯୋଗାଇବା ପାଇଁ ସକ୍ଷମ ହେବ ବୋଲି କୁହାଯାଇଛି।

ସମ୍ପ୍ରତି ସରକାରୀ ଅବା ବେସରକାରୀ, ସବୁ କ୍ଷେତ୍ରରେ ଇଣ୍ଟରନେଟ ଏକ ଜରୁରୀ ସେବା ହୋଇଛି। ବିଶେଷକରି ହାଇସ୍ପିଡ ଇଣ୍ଟରନେଟ ବିନା ସରକାରୀ କାର୍ଯ୍ୟ ସମ୍ପାଦନ ଏକପ୍ରକାର ଅସମ୍ଭବ ବ୍ୟାପାର। ସରକାରୀ କାର୍ଯ୍ୟ ପାଇଁ (ପୃଷ୍ଠା ୭ରେ)

# ଜାନୁଆରୀ ମାସ ଛୁଟି ଦିନରେ ଖୋଲା ରହିବ ଲୋକସେବା ଭବନ ଉଦ୍ୟାନ



ଭୁବନେଶ୍ୱର, ୬।୧ : ନ୍ୟୁଜ୍ ବ୍ୟୁରୋ

ସର୍ବସାଧାରଣଙ୍କ ନିମନ୍ତେ ଚଳିତ ଜାନୁଆରୀ ମାସର ରବିବାର ସମେତ ସମସ୍ତ ଛୁଟି ଦିନରେ ଲୋକସେବା ଭବନ ଉଦ୍ୟାନ ଖୋଲା ରହିବ । ଜନସାଧାରଣ ଏହି ଦିନମାନଙ୍କରେ ଅପରାହ୍ନ ୩.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଦୁଇ ଘଣ୍ଟା ପାଇଁ ଲୋକସେବା ଭବନକୁ ଆସି ଉଦ୍ୟାନ ପରିଦର୍ଶନ କରିପାରିବେ।

# ଅପରାଧୀଙ୍କ ଚରିତ୍ରଗତ ପ୍ରମାଣପତ୍ରକୁ ବିନା ଶୁଣାଣିରେ ରଦ୍ଦ କରାଯାଇ ପାରିବ ନାହିଁ: ହାଇକୋର୍ଟ

ପ୍ରୟାଗରାଜ, ୬।୧

ଆହ୍ଲାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଅପରାଧିକ ପୃଷ୍ଠଭୂମି ଯୋଗୁ ଚରିତ୍ରଗତ ପ୍ରମାଣପତ୍ର ରଦ୍ଦ କରିବା ଉଚିତ ନୁହେଁ । ଏଭଳି ବ୍ୟକ୍ତିଙ୍କୁ କାରଣ ଦର୍ଶାଇବାକୁ କିମ୍ବା ତାଙ୍କ ଅଭିଯୋଗର ଶୁଣାଣି କରିବାର ସୁଯୋଗ ଦିଆଯିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଉଚିତ ପ୍ରକ୍ରିୟା ଏବଂ ନ୍ୟାୟପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଜଷ୍ଟିସ ସୌମିତ୍ର ଦୟାଲ ସିଂ ଏବଂ ଜଷ୍ଟିସ ମନଜିବ ଶୁକ୍ଲାଙ୍କ ଏକ ଡିଭିଜନ ବେଞ୍ଚ ୧୦ ଏପ୍ରିଲ ୨୦୨୩ରେ ଥିବା ସରକାରୀ ଆଦେଶର ଧାରା -୪ ଅଧ୍ୟୟନ କରିଥିଲେ। ଏଥିରେ ଉଲ୍ଲେଖ ଥିଲା ପଞ୍ଜିକରଣ / ବିଚାରାଧୀନ ଥିବା ସୂଚନା ପାଇବା ଦିନ ଠାରୁ ସମ୍ପୃକ୍ତ ନାଗରିକଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଏକ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ହେବ। ନ ହେଲେ ତାଙ୍କର ଚରିତ୍ରଗତ ପ୍ରମାଣପତ୍ରକୁ ରଦ୍ଦ କରିବାକୁ ପଦକ୍ଷେପ ନିଆଯାଇପାରେ।



ଅଦାଲତ ଅନୁସାରେ ଧାରା ୪ ଅନୁଯାୟୀ ଚରିତ୍ରଗତ ପ୍ରମାଣପତ୍ର ବାତିଲ ପାଇଁ ପ୍ରସ୍ତାବିତ କାର୍ଯ୍ୟ କେବଳ ଏକ ଅପରାଧିକ ମାମଲାର ପଞ୍ଜିକରଣ କିମ୍ବା ପେଣ୍ଡେନ୍ସି ବିଷୟରେ ସୂଚନା ଗ୍ରହଣ କରିବାର ଏକ ସପ୍ତାହ ମଧ୍ୟରେ ନାଗରିକଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ହିଁ ଚାଲିବା ଉଚିତ। ଡିଭିଜନ (ପୃଷ୍ଠା ୭ରେ)

## ବାଂଲାଦେଶ-ବେନାପୋଲ ଏକ୍ସପ୍ରେସ୍‌ରେ ନିଆଁ, ୪ ମୃତ

ନୂଆଦିଲ୍ଲୀ, ୬।୧

ବାଂଲାଦେଶର ଏକ ଟ୍ରେନରେ ନିଆଁ ଲାଗିବା ଫଳରେ ଦୁଇ ଶିଶୁଙ୍କ ସମେତ ଅତି କମରେ ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଟ୍ରେନ ଉପକୂଳବର୍ତ୍ତୀ ସହର ବେନାପୋଲରୁ ଭାରତୀୟ ସୀମା ନିକଟରୁ ଆସୁଥିଲା। ଏନେଇ ଢାକା ଟ୍ରିବ୍ୟୁନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ କହିଛନ୍ତି ଯେ ଦେଶର ସାଧାରଣ ନିର୍ବାଚନର ଦୁଇ ଦିନ ପୂର୍ବରୁ ଏହି ଘଟଣା ଘଟିଥିଲା। ରିପୋର୍ଟ ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୯ଟା ୫ ମିନିଟରେ ଏହି ନିଆଁ ଲାଗିଥିବା (ପୃଷ୍ଠା ୭ରେ)

# ଭାରତର ସୂର୍ଯ୍ୟ ମିଶନ ପାଇଁ ବଡ ଦିନ : ଚୂଡ଼ାନ୍ତ କକ୍ଷପଥରେ ପ୍ରବେଶ କରିବ ଆଦିତ୍ୟ ଏଲ୍-୧



ନୂଆଦିଲ୍ଲୀ, ୬।୧

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଭାରତର ପ୍ରଥମ ସୌର ଅଭିଯାନ ଆଦିତ୍ୟ ଏଲ୍-୧କୁ ଶନିବାର ଗନ୍ତବ୍ୟସ୍ଥଳ ଲାଗ୍ରାଙ୍ଗିଆନ ପଏଣ୍ଟ (ଏଲ୍-୧)ରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇଛି।

ଗତ ସେପ୍ଟେମ୍ବର ୨ ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ପୋଲାର ସାଟେଲାଇଟ ଲଞ୍ଚ ଭେଇକିଲ (ପିଏସ୍ଏଲଭି-ସି୫୭)ରୁ ଆଦିତ୍ୟ ଏଲ୍-୧ କୁ ଉତକ୍ଷେପଣ କରାଯାଇଥିଲା। ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନର ସଫଳ ଅବତରଣ ପରେ ଏହି ମିଶନକୁ ବି ଏକ ବଡ଼ ସଫଳତା ଭାବେ ଦେଖାଯାଉଛି।

୪୦୦ କୋଟି ଡଲାର ମୂଲ୍ୟରେ ନିର୍ମିତ ପ୍ରାୟ ୧,୫୦୦ କିଲୋଗ୍ରାମର ସାଟେଲାଇଟ ପୃଥିବୀଠାରୁ ପ୍ରାୟ ୧.୫ ନିୟୁତ କିଲୋମିଟର ଦୂରରେ ଥିବା ସୂର୍ଯ୍ୟ ବିଷୟରେ ତଥ୍ୟ ଯୋଗାଡ଼ କରିବାରେ ପ୍ରଥମ ମହାକାଶଭିତ୍ତିକ ଭାରତୀୟ ପର୍ଯ୍ୟବେକ୍ଷଣକାରୀ ଭାବରେ କାର୍ଯ୍ୟ କରିବ। ଏହି ସାଟେଲାଇଟିକୁ ଅପରାହ୍ନ ପ୍ରାୟ ୪ଟା ସମୟରେ ଲାଗ୍ରାଙ୍ଗିଆନ ପଏଣ୍ଟ (ଏଲ୍-୧)ର କକ୍ଷପଥରେ ରଖାଯିବ ବୋଲି ସୂଚନା ରହିଛି।

ଏଲ୍-୧ ପଏଣ୍ଟରେ ଅବସ୍ଥାନ ପରେ ଆଦିତ୍ୟ ଉପଗ୍ରହ (ପୃଷ୍ଠା ୭ରେ)

# ୧୨୫ ବର୍ଷ ଧରି ଗିରଫ ଗଛ

ନୂଆଦିଲ୍ଲୀ, ୬।୧

ଯଦି କେହି ଅପରାଧ କରେ ତାକୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଇଥାଏ। ଚୋରି, ଲୁଟ ଓ ଦୁଷ୍କର୍ମ ଭଳି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥାଏ। କିନ୍ତୁ କେବେ ଶୁଣିଛନ୍ତି କି ଗଛ ଗିରଫ ହେବାର ଘଟଣା ? ଏମିତି ଏକ ଗଛ ପାକିସ୍ତାନର ପେଶୱାରରେ ଅଛି, ଯାହାକୁ ୧୨୫ ହେବ ଗିରଫ କରି ରଖାଯାଇଛି। ତେବେ ଆପଣଙ୍କ ମନରେ ବି ପ୍ରଶ୍ନ ଆସୁଥାଇ ପାରେ କି ଗଛକୁ କାହିଁକି ଗିରଫ କରାଗଲା। ପୁଣି ଦୀର୍ଘ ୧୨୫ ବର୍ଷ ହେବ ଝଞ୍ଜିର ସାହାଯ୍ୟରେ ଗଛକୁ ଚାରିପଟୁ ବାନ୍ଧି ରଖାଯାଇଛି । ଘଟଣାଟି ହେଲା ତେରଖନ ସୀମା ନିକଟରେ ଲ୍ୟାଣ୍ଡି କୋଟାଲ ନାମକ ବସ୍ତିରେ। ୧୨୫ବର୍ଷ ପୂର୍ବେ ଜଣେ ବ୍ରିଟିଶ ଅଧିକାରୀଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଏହି ଗଛ ଗିରଫ ହୋଇ ରହିଛି।



ଜେମ୍ସ ସ୍କିଡ ନାମକ ଅଧିକାରୀ ଦିନେ ମଦ ନିଶାରେ ଦାବି କରିଥିଲେ କି, ଏହି ଗଛକୁ ସେ ଧରି ପାରୁ ନାହାନ୍ତି । ଧରିବାକୁ ଚେଷ୍ଟା କଲେ ଗଛ ତାଙ୍କ ହାତରୁ ଖସି ଚାଲି ଯାଉଛି। ଏହାପରେ (ପୃଷ୍ଠା ୭ରେ)

# ଲୀଳାମୟଙ୍କୁ ସମର୍ପିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କଳା ଓ ସ୍ଥାପତ୍ୟ











ପଥର ବି ଈଶ୍ୱରଙ୍କ ଉପାସନା କରିପାରେ, ଏହାର ନିଦର୍ଶନ ଦେଖିବାକୁ ମିଳୁଛି ଲୋକାର୍ପିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ । ଉତ୍କୃଷ୍ଟକଳାର ଭୂଖଣ୍ଡ 'ଉତ୍କଳ' ମନ୍ଦିର ନିର୍ମାଣ କୌଶଳରେ ଜଗତ ବିଖ୍ୟାତ । କଳା ଓ ସ୍ଥାପତ୍ୟ ହେଉଛି ଓଡ଼ିଆ ମାନଙ୍କର ସାଧନା ଓ ପୂଜା। ସେଇଥି ପାଇଁ କାହିଁ କେଉଁ ସମୟରୁ ଏ ଜାତିର ତ୍ରାଣକର୍ତ୍ତା ପ୍ରଭୁ ଜଗନ୍ନାଥଙ୍କ ପାଇଁ ଓଡ଼ିଆ ଜାତି ନିର୍ମାଣ କରିଥିଲା କଳା ସ୍ଥାପତ୍ୟରେ ଭରପୂର ଶ୍ରୀମନ୍ଦିର ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆରମ୍ଭରୁ ହିଁ ଏଥିରେ କଳିଙ୍ଗ ଶ୍ରେଣୀୟ ମନ୍ଦିର ନିର୍ମାଣ ଶୈଳୀକୁ ପ୍ରାଧାନ୍ୟତା ଦେବା ପାଇଁ ଓଡ଼ିଶାର ଲୋକପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସେଇଥି ପାଇଁ ପରିକ୍ରମା ପ୍ରକଳ୍ପର ପ୍ରତିଟି କାର୍ଯ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ନିର୍ମାଣ ଶୈଳୀର ଝଲକ ଦେଖିବାକୁ ମିଳୁଛି।

ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଓ ପ୍ରଯତ୍ନରେ ଏହି ପରିକ୍ରମା ପ୍ରକଳ୍ପ ମାଧ୍ୟମରେ କଳିଙ୍ଗ ସ୍ଥପତି ଆଉ ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି ।

ଏହି ସବୁ କାର୍ଯ୍ୟକୁ ନିର୍ମାଣର ପ୍ରଥମ ଦିନରୁ ହିଁ ୫'ଟି'ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସ୍ୱତନ୍ତ୍ର ଭାବରେ ନିରୀକ୍ଷଣ କରି ଆସୁଛନ୍ତି। ଯେଉଁ ଭଳି ଭାବେ ଉଚିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିବ ଏବଂ ଏକ ବିଶ୍ୱସ୍ତରୀୟ ସ୍ଥପତି କଳାର ଏକ ଉଦାହରଣ ସାଜି ପାରିବ ସେଥିପ୍ରତି ୫–'ଟି'ଅଧ୍ୟକ୍ଷ ଆରମ୍ଭରୁ ଯତ୍ନବାନ ରହି ଆସିଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ମନ୍ଦିର ନିର୍ମାଣରେ ସ୍ୱତନ୍ତ୍ର ଭାବେ ବ୍ୟବହୃତ ହେଉଥିବା ଖୋଣ୍ଡଲାଇଟ ପଥରର ବ୍ୟବହାର ହୋଇଛି। ଏହି ପଥର ସ୍ୱତନ୍ତ୍ର ଭାବେ କେବଳ ଓଡ଼ିଶାରେ ମିଳିଥାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ପଥର ଅଣାଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହାର ହୋଇଛି। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ବିଭିନ୍ନ ମୂର୍ତ୍ତି, ଖମ୍ବ, ପରିକ୍ରମା ବାଡ଼, ବିଦ୍ୟୁତ ଗୃହ, ଶୌଚାଳୟ, ବସିବା ସ୍ଥାନ, ମଣ୍ଡପ, ମୁକ୍ତାକାଶମଞ୍ଚ ଆଦି ଏହି ଖୋଣ୍ଡଲାଇଟ ପଥରରେ ନିର୍ମାଣ କରାଯାଇଛି ।

ପରିକ୍ରମା ପ୍ରକଳ୍ପରେ ମୁଖ୍ୟ ସ୍ଥପତି ଭାବରେ କାର୍ଯ୍ୟରତ ଭବାନୀ ମିଶ୍ର ବିକେଆର୍ଟ କଲେଜର ୬୦ ଜଣ ସ୍ଥପତିମାନଙ୍କୁ ତାଲିମ ଦେବାପରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରାଯାଇଛି। ଶ୍ରୀସେତୁ, ଶ୍ରୀଦାଣ୍ଡ ତଥା ପରିକ୍ରମା ପ୍ରକଳ୍ପର ବିଭିନ୍ନ ସ୍ଥାନରେ ସେହି ମୂର୍ତ୍ତି ଗୁଡିକ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ପୂଜ୍ୟପୂଜାର ନିଦର୍ଶନ ସମଗ୍ର ବିଶ୍ୱକୁ ଉପସ୍ଥାପିତ କରାଯାଇଛି ।

## ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର

## 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଅଂଶ ବିଶେଷ



ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ସୁରକ୍ଷା ଏବଂ ପ୍ରଚାର–ପ୍ରସାର, ଓଡିଶା ସରକାରଙ୍କ "ଆମ ଓଡ଼ିଶା ନବୀନ ଓଡ଼ିଶା" ଯୋଜନାର ଅନ୍ୟତମ ଅଂଶ ବିଶେଷ ଅଟେ। ଏହି କ୍ରମରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୧୭/୦୧/୨୦୨୪ ତାରିଖ ଦିନ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ନିର୍ମିତ ଐତିହାସିକ "ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ''ର ଲୋକାର୍ପଣ କରିବେ । ଏହି ଐତିହାସିକ ମୂହୁର୍ତ୍ତରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ସମଗ୍ର ରାଜ୍ୟର ଶ୍ରଦ୍ଧାଳୁମାନଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନିମନ୍ତେ



ନିମନ୍ତ୍ରଣ କରିଛନ୍ତି ଓ ଏହି ମୂହୁର୍ତ୍ତକୁ ଅଧିକ ଭାବପୂର୍ଣ୍ଣ କରିବା ପାଇଁ ବିବିଧ ସାଂସ୍କୃତିକ ଓ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ପଞ୍ଚାୟତ ଏବଂ ବ୍ଲକରୁ ସମସ୍ତ ଶ୍ରଦ୍ଧାଳୁଙ୍କ ଅଂଶ ଗ୍ରହଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ଏହି କ୍ରମରେ, ଅଦ୍ୟ ୦୬.୦୧.୨୦୨୪ ତାରିଖ ଠାରୁ ୧୬.୦୧.୨୦୨୪ ତାରିଖ ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ ଏବଂ ବ୍ଲକରେ ଜଗନ୍ନାଥ ସଂସ୍କୃତି ସହିତ ଜଡିତ ବିବିଧ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଅଛି ।

ପଞ୍ଚାୟତ ସମିତିର ଯୋଜନା ପ୍ରକାରେ ତିନି ଗୋଟି ଅର୍ପଣ ରଥ ୦୬.୦୧.୨୦୨୪ ଠାରୁ ୧୪.୦୧.୨୦୨୪ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ସମିତିର ସମସ୍ତ ଗ୍ରାମରେ ଘରକୁ ଘର ବୁଲି ପ୍ରତ୍ୟେକ ପରିବାରରୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ପ୍ରଥମ ଦିବସରେ, ଅର୍ପଣ ରଥ ତ୍ରୟ ନନ୍ଦିକ ଗ୍ରାମ/ କଞ୍ଚୁରୁ ଗ୍ରାମ / ଦୟାପଲ୍ଲୀ ଗ୍ରାମ ଓ ଗୋଦରାପଲ୍ଲୀ ଗ୍ରାମରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କ ଠାରୁ ଭକ୍ତିପୂର୍ଣ୍ଣ ପରିବେଶରେ, ସମବେତ ଜନତାଙ୍କ ଉପସ୍ଥିତିରେ ଅର୍ପଣ ସଂଗ୍ରହ କରିଛନ୍ତି ।

ନନ୍ଦିକ ଗ୍ରାମରେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା –କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଞ୍ଜାମ, ଶ୍ରୀ ଭି କୀର୍ତି ଭାଷନ ମହୋଦୟ ଶୁଭାରମ୍ଭ କରିଥିଲେ । ପ୍ରଥମେ ନନ୍ଦିକ ଗ୍ରାମ ସ୍ଥିତ ସୁନ୍ଦର ମାଧବ ମନ୍ଦିରରୁ ପ୍ରଭୁଙ୍କର ଆଜ୍ଞାମାଳ ଅଣାଯାଇ ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ କରାଯାଇଥିଲା । ଅର୍ପଣ ରଥ ସହିତ ଉକ୍ତ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗ୍ରାମବାସୀ ଗ୍ରାମ ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ, ରାଜ୍ୟ କୃଷି ବିପଣନ ସଂସ୍ଥାର ଉପଦେଷ୍ଟା, ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ପ୍ରଧାନ / ୬୮ ନଂ ଜିଲ୍ଲା ପରିଷଦ ଜୋନ ସଭ୍ୟ ଶ୍ରୀଯୁକ୍ତ ଏଲା ସୁଦର୍ଶନ / ସରପଞ୍ଚ ଶ୍ରୀ କୃଷ୍ଣ ଚନ୍ଦ୍ର ଭଉଳ / ସମିତି ସଭ୍ୟା ପ୍ରତିନିଧି ଶ୍ରୀ ସୁନୀଲ ପରିଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁବ୍ରତ କୁମାର ଜେନା, ସିଡ଼ିପିଓ ଗଙ୍ଗୀ ସୁବୁଦ୍ଧି / PEO ବିଜୟ ସେଠୀ ଓ ପଞ୍ଚାୟତର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଦ୍ୱିତୀୟ ଅର୍ପଣ ରଥଟି କଞ୍ଚୁରୁ ଗ୍ରାମ ଜଗନ୍ନାଥ ମନ୍ଦିର ଠାରୁ ଯାତ୍ରା ଶୁଭାରମ୍ଭ କରି କଞ୍ଚୁରୁ ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ସେଠୀ, ଜିଲ୍ଲା ଯୋଜନା ବୋର୍ଡର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଏନ ରଘୁନାଥ, ୬୭ନଂ ଜିଲ୍ଲା ପରିଷଦ ଜୋନ ସଭ୍ୟା ଶ୍ରୀମତୀ ବାଇ ଗୀତାଞ୍ଜଳି, ସରପଞ୍ଚ ଶ୍ରୀ ମଦନ ସେଠୀ, PEO ପ୍ରତାପ ସାହୁ ଓ ପଞ୍ଚାୟତର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ତୃତୀୟ ଅର୍ପଣ ରଥଟି ଦୟାପଲ୍ଲୀ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଯାତ୍ରା ଶୁଭାରମ୍ଭ କରି ଗ୍ରାମ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ୬୯ ନଂ ଜିଲ୍ଲା ପରିଷଦ ଜୋନ ସଭ୍ୟା ଶ୍ରୀମତୀ ପ୍ରୀତି ସାହୁ, ସରପଞ୍ଚ ବି ସଞ୍ଜିତା, ସମିତି ସଭ୍ୟ ଇପିଲି ରାଜ ରାଓ, PEO ଶଙ୍କର ରାଓ ଓ ପଞ୍ଚାୟତର ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଅପରାହ୍ନରେ ଏହି ଅର୍ପଣ ରଥ ଟି ଦୁର୍ବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋଦରାପଲ୍ଲୀ ଗ୍ରାମରେ ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀ ସନ୍ତୋଷ ସାହୁ, ସମିତି ସଭ୍ୟ ଜଗବନ୍ଧୁ ସାହୁ, PEO ପ୍ରତାପ ସାହୁ, ଅଭିମନ୍ୟୁ ସାହୁ, ରାମହରି ଶର୍ମା । ପଞ୍ଚାୟତର ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଆସନ୍ତାକାଲି ୦୭.୦୧.୨୦୨୪ ତାରିଖରେ ଅର୍ପଣ ରଥ ତ୍ରୟ କଞ୍ଚୁରୁ ଗ୍ରାମ ପଞ୍ଚାୟତର ଅବଶିଷ୍ଟ ଗ୍ରାମ /ରାଲବ ଗ୍ରାମ ଓ ଦୁର୍ବନ୍ଧ ଗ୍ରାମରେ ପରିକ୍ରମା କରିବେ ।

## ପ୍ରତିଶ୍ରୁତି ରଖିଲେ ରାଜ୍ୟ ସରକାର

# ବିସ୍ଥାପିତ ବ୍ୟବସାୟୀଙ୍କୁ ଅତ୍ୟାଧୁନିକ ମାର୍କେଟ୍ କଂପ୍ଲେକ୍ସ



ବିକାଶ ପଥରେ ଶ୍ରୀକ୍ଷେତ୍ର ପୁରୀ। ସାମଗ୍ରିକ ଭାବେ ପୁରୀକୁ ଦିଆଯାଉଛି ନୂଆ ରୂପ। ଏଥିପାଇଁ ଏକାଧିକ ମେଗା ପ୍ରକଳ୍ପ ନିର୍ମାଣ ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଅନେକ କାମ ଚାଲିଛି। ତେବେ ଏହି ପ୍ରକଳ୍ପ ମଧ୍ୟରେ ୩ଟି ଅତ୍ୟାଧୁନିକ ମାର୍କେଟ୍ କଂପ୍ଲେକ୍ସ ନିର୍ମାଣ ଶେଷ ହୋଇଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବିସ୍ଥାପିତ ବ୍ୟବସାୟୀଙ୍କୁ ଏହି ମାର୍କେଟ୍ କଂପ୍ଲେକ୍ସରେ ଦୋକାନ ଘର ଆବଣ୍ଟନ କରାଯିବ। ଏଥିପାଇଁ ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ। କେଉଁ ଆଧାରରେ ଦୋକାନ ଘର ବଣ୍ଟନ ହେବ, ସେଥିଲାଗି ପୂର୍ବରୁ ପ୍ରସ୍ତୁତ ଏସ୍ଓପିକୁ ରାଜ୍ୟ ସରକାର ମଞ୍ଜୁରି ଦେଇଛନ୍ତି। ଏଥିରେ ବ୍ୟବସାୟୀଙ୍କ ଏକ ଚିଠା ସୂଚୀ ଦୋକାନ ଉଚ୍ଛେଦ ତାରିଖ ଅନୁସାରେ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ବିସ୍ଥାପିତମାନେ ନିଜନିଜ ଦୋକାନ ଘର ପାଇବା ସହ ପୁନଶ୍ଚ ତାଙ୍କ ପେଟପାଟଣାକୁ ରାହା ଦେବେ।

ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଜମି ଅଧିଗ୍ରହଣ କରିଥିଲେ ରାଜ୍ୟ ସରକାର। ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟୀକରଣ ତଥା ଭକ୍ତଙ୍କ ସୁବିଧା ପାଇଁ ଦୀର୍ଘ ଦିନର ଭିଟାମାଟି ଛାଡ଼ିଥିଲେ ଅନେକ ପୁରୀବାସୀ। ଏହି ପ୍ରକଳ୍ପ ପାଇଁ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ କରାଯାଇଥିଲା। ଏଥିରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଉଚ୍ଛେଦ ହୋଇଥିଲା। ସେମାନଙ୍କୁ ଥଇଥାନ କରିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଲକ୍ଷ୍ୟ ରଖି ପୁରୀର ପୁରାତନ ଦୁଇଟି ମାର୍କେଟ୍ କଂପ୍ଲେକ୍ସ (ମହୋଦଧି ଓ ମ୍ୟୁନିସିପାଲିଟି)କୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ଆରମ୍ଭ ହୋଇଥିଲା। ମୋଚିସାହି ଛକରେ ନିର୍ମିତ ମହୋଦଧି ମାର୍କେଟ୍ କଂପ୍ଲେକ୍ସରେ ୧୫୧ଟି ଦୋକାନ ଘର ରହିଥିବା ବେଳେ ମାର୍କେଟ୍ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍ କଂପ୍ଲେକ୍ସରେ ୫୦୦ ଓ ଜେଲ୍‌ରୋଡ୍ ପାର୍କିଂରେ ୩୫୦ଟି ଦୋକାନ ଘର ବାହାରିଛି। ୦.୯ ଏକର ଜମିର ୧୦ ହଜାର ୫୫୬ ବର୍ଗମିଟର ଅଞ୍ଚଳରେ ଅତ୍ୟାଧୁନିକ ମହୋଦଧି ମାର୍କେଟ୍ କଂପ୍ଲେକ୍ସ ନିର୍ମାଣ କରାଯାଉଛି। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି 'ଅବଢ଼ା' ଯୋଜନାରେ ଏହି ମାର୍କେଟ୍ କଂପ୍ଲେକ୍ସର ପରିକଳ୍ପନା କରାଯାଇଥିଲା। ଏଥିପାଇଁ ୪୧କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି।

ଏଥିରେ ଅଗ୍ନିନିରୋଧକ ବ୍ୟବସ୍ଥା, ଶୀତତାପ ନିୟନ୍ତ୍ରିତ ତିନୋଟି (୪,୫ ଓ ୬) ମହଲା ସହିତ ଲିଫ୍ଟ ଆଦି ସମସ୍ତ ପ୍ରକାର ସୁବିଧା ଅଛି। ଏହା ମଧ୍ୟରେ ୧୦୦ ବର୍ଗଫୁଟ୍ ଓ ୨୦୦ ବର୍ଗଫୁଟର ମୋଟ୍ ୧୫୧ଟି ଦୋକାନ ଘର ରହିଛି। ବେସ୍‌ମେଣ୍ଟ ପାର୍କିଂରେ ପାଖାପାଖି ୧୦୦ କାର୍ ରହିପାରିବ। ସେହିପରି ମ୍ୟୁନିସିପାଲିଟି ମାର୍କେଟ୍ କଂପ୍ଲେକ୍ସରେ ମଧ୍ୟ ଅତ୍ୟାଧୁନିକ ସୁବିଧା ରହିଛି । ପ୍ରାୟ ୪୪ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ବେସମେଣ୍ଟ ଏବଂ ଗ୍ରାଉଣ୍ଡ ଫ୍ଲୋର ବାଦ୍ ୩ ମହଲା ବିଶିଷ୍ଟ ମାର୍କେଟ୍ କଂପ୍ଲେକ୍ସ ହୋଇଛି। ୫୦୦ ଦୋକାନ ଘର ବାହାରିଥିବା ବେଳେ ୧୦୦ଟି ଚାରିଚକିଆ ଗାଡ଼ି ରହିବା ଭଳି ପାର୍କିଂ ସୁବିଧା ଉପଲବ୍ଧ ଅଛି। ଜେଲ୍ ରୋଡ୍ ବହୁତଳ ପାର୍କିଂରେ ଥିବା ମାର୍କେଟ୍ କଂପ୍ଲେକ୍ସରେ ୩୫୦ ଦୋକାନ ଘର ବାହାରିଛି।

ଏହି ଦୋକାନ ଘରଗୁଡ଼ିକୁ କିପରି ସ୍ୱଚ୍ଛତାର ସହ ବିସ୍ଥାପିତ ଦୋକାନୀମାନଙ୍କୁ ଆବଣ୍ଟନ କରାଯିବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି। ପୂର୍ବରୁ କେଉଁ ତାରିଖରେ କେଉଁ ଦୋକାନ ଘର ଭଙ୍ଗା ଯାଇଥିଲା, ତା'ର ତାଲିକା ପ୍ରସ୍ତୁତ କରିଥିଲା ପ୍ରଶାସନ। କାହାର କେତେ ଜାଗା, କେତୋଟି ଦୋକନ; ଏ ସବୁର ତଥ୍ୟ ରଖାଯାଇଥିବା ବେଳେ ଆବଣ୍ଟନ ନେଇ ଏକ ଏସ୍ଓପି ପ୍ରସ୍ତୁତ ହୋଇଥିଲା। ଏହି ଏସ୍ଓପିକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି।

କାହା ନାମରେ କେତେ ପରିମିତ ଦୋକାନ ଘର ଆବଣ୍ଟନ ପାଇଁ ନାଁ ବାହାରିଛି, ତାହାର ତାଲିକା ୩ଟି ଯାକ ମାର୍କେଟ୍ କଂପ୍ଲେକ୍ସରେ ଲଗାଯାଇଛି। ଜମି ଅଧିଗ୍ରହଣ, ଜମି ସିଧାସଳଖ କିଣାବିକା, ଜମି ଜବରଦଖଲ ଉଚ୍ଛେଦ ଭଳି ୩ଟି ପ୍ରକ୍ରିୟାରେ ଦୋକାନ ଗୃହ ଆବଣ୍ଟନ କରାଯାଇଛି। ତେବେ ଅତ୍ୟାଧୁନିକ ମୌଳିକ ସୁବିଧା ଥାଇ ପ୍ରସ୍ତୁତ ହୋଇ ରହିଥିବା ମାର୍କେଟ୍ କଂପ୍ଲେକ୍ସଗୁଡ଼ିକ ବେଶ୍ ସୁନ୍ଦର ହୋଇଥିବା ବେଳେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଯାଉଥିବାରୁ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି। ଏ ସଂପର୍କରେ ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁ ବ୍ୟବସାୟୀମାନେ ବିସ୍ଥାପିତ ହୋଇଥିଲେ, ସେମାନଙ୍କୁ ଦୋକାନ ଘର ଆବଣ୍ଟନ କରାଯିବ। ଏଥିଲାଗି ପୂର୍ବ ପ୍ରସ୍ତୁତ ଏସ୍ଓପି ଅନୁଯାୟୀ ଦୋକାନ ଘର ଦିଆଯିବ ବୋଲି ସେ କହିଛନ୍ତି।

## ସ୍ଥପତିଙ୍କ ମୁହଁରୁ ......

**ଭବାନୀ ମିଶ୍ର, ଭୁବନେଶ୍ୱର (ମୁଖ୍ୟ ସ୍ଥପତି )**

ମହାପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ମତେ ଏହି ସୁଯୋଗ ମିଳିଛି। ମୋର ମନେ ହେଉଛି ଏହି ମୂର୍ତ୍ତି ସବୁ ଜୀବନ୍ତ ଭାବେ ଜଗନ୍ନାଥ ଭକ୍ତିରେ ଲୀନଅଛନ୍ତି। ସେହି ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଏହି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିଶ୍ୱସ୍ତରୀୟ ହୋଇପାରିଛି।



**ସନ୍ତୋଷ ନାଏକ, ମୟୂରଭଞ୍ଜ (କାରିଗର )**

ମୋ ଜୀବନର ଏହା ସୌଭାଗ୍ୟ ଯେ ମୁଁ ସୁଦୂର ମୟୁରଭଞ୍ଜରୁ ପ୍ରଭୁଜଗନ୍ନାଥଙ୍କ ସେବା କରିବା ପାଇଁ ପୁରୀଆସିଛି। ମହାପ୍ରଭୁଙ୍କ ଆଜ୍ଞାରେ ହିଁ ମୁଁ ଏହି କାର୍ଯ୍ୟ କରିପାରୁଛି। ମତେ ଲାଗୁଛି ମୋର ଏହି ନିର୍ମାଣ କାର୍ଯ୍ୟ ହିଁ ମହାପ୍ରଭୁଙ୍କୁ ମୋର ପୂଜା, ମୋଜୀବନ ଧନ୍ୟ ହେଇଛି।

**ସୋନେ ଲାଲ କୁମାର, ପାଟଣା, ବିହାର**

ବିହାରରୁ ଆସି ପୁରୀରେ ସେ ପୁଣି ପ୍ରଭୁଜଗନ୍ନାଥଙ୍କ କାର୍ଯ୍ୟ କରିବି ବୋଲି କେବେ ଭାବିନଥିଲି। ଏଠାରେ ଯେଉଁ ଗତିରେ କାର୍ଯ୍ୟ ଚାଲିଛି ତାହା ମତେ ଆଶ୍ଚର୍ଯ୍ୟ କରୁଛି। ଏହା କେବଳ ଜଗନ୍ନାଥଙ୍କ ଅଲୌକିକ ଲୀଳା। ଅନ୍ୟଥା ମୋ ପରି ସାମାନ୍ୟ ମଣିଷ ଏଭଳି କାର୍ଯ୍ୟ କରିବାକୁ ସୁଯୋଗ ପାଇବ ବା କେଉଁଠୁ! ମତେ ଲାଗୁଛି ଜଗନ୍ନାଥ ହିଁ ମତେ ତାଙ୍କ ଚରଣରେ ଶରଣ ଦେଇଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ନିର୍ଜୀବ ପଥର ଗୁଡିକ ଓଡ଼ିଶାର ଗର୍ବ ଓ ଗୌରବ। କଳା, ସଂସ୍କୃତି, ଐତିହ ଓ ସ୍ୱାଭିମାନର ଜୀବନ୍ତ ବାର୍ତ୍ତାବହ ଭାବେ ରୂପାନ୍ତରିତ ହୋଇଛନ୍ତି। ଏଥିପ୍ରତି ୫–'ଟି'ଅଧ୍ୟକ୍ଷଶ୍ରୀ ଭି. କେ. ପାଣ୍ଡିଆନ ପୁରୀ ପରିକ୍ରମା ପ୍ରକଳ୍ପର ପ୍ରତିଟି ଦିଗକୁ ଅତି ପାଖରୁ ନିରୀକ୍ଷଣ କରିଆସୁଛନ୍ତି। ଏହି ପ୍ରକଳ୍ପ ଯେପରି ଭାବେ ଓଡ଼ିଆ ସ୍ୱାଭିମାନର ଏକ ପ୍ରତୀକ ହେଇପାରିବ ସେଥି ପ୍ରତି ସର୍ବଦା ଯତ୍ନବାନ ରହିଆସିଛନ୍ତି।

ସ୍ଥପତିକଳାର ଚରମ ନିଦର୍ଶନ ହେଉଛି ଶ୍ରୀମନ୍ଦିର। ପଥରରେ କେଉଁ ସ୍ତରର ସୃଜନଶୀଳତା ସମ୍ଭବ ହୋଇପାରେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତା'ର ଅସଂଖ୍ୟ ପ୍ରମାଣ ଯୋଗାଉଛି। କଳିଙ୍ଗ ରୀତି ମନ୍ଦିର ନିର୍ମାଣ ଶୈଳୀ ବିଶ୍ୱ ବିଦିତ ହେଉ ସେଥି ପାଇଁ ସର୍ବଦା ଚେଷ୍ଟିତ ରହିଆସିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଓଡ଼ିଶାର ପ୍ରସ୍ତର କଳା ଓ ସ୍ଥପତି ଏହି ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ତାହାର ଶିଖର ଛୁଁଉଛି।

# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ଅଞ୍ଚଳ



ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା। ପ୍ରତିଟି ହୃଦୟର ସ୍ପନ୍ଦନ। ପ୍ରତ୍ୟେକ ଜୀବର ଜୀବନ ସତ୍ତା। ତାଙ୍କ ନାମ ଆଜି ପ୍ରକମ୍ପିତ ହୋଇ ଉଠିଛି ଗାଁ ଗାଁ ରେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଚଳିତ ମାସ ୧୭ ତାରିଖରେ ଲୋକାର୍ପିତ ହେବ। ଏହି ଭବ୍ୟ କାର୍ଯ୍ୟକ୍ରମର ସାକ୍ଷୀ ରହିବେ ପ୍ରତିଟି ଓଡ଼ିଆ। ସମସ୍ତଙ୍କ ପ୍ରାଣରେ ସଞ୍ଚରିତ ହେବ ଜୟ ଜଗନ୍ନାଥ ଧ୍ୱନି। ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ଚେତନାକୁ ଋଦ୍ଧିମନ୍ତ କରିବା ଲକ୍ଷ୍ୟରେ ଆଜି ଠାରୁ ରାଜ୍ୟରେ ଗଡିଛି ଅର୍ପଣ ରଥ। ଏହା ପ୍ରତ୍ୟେକ ଗ୍ରାମର ପ୍ରତିଟି ଘରୁ ପ୍ରଭୁଙ୍କୁ ସମର୍ପଣ ଓ ସଂକଳ୍ପର ଅସ୍ମିତାର ପ୍ରତୀକ ଅକ୍ଷତ ଓ ଗୁଆ ସଂଗ୍ରହ କରୁଛି। ପୁରୀ ଜିଲ୍ଲାର ୧୧ ଟି ବ୍ଲକର ୨୬୮ ପଞ୍ଚାୟତର ଗ୍ରାମ ସମୂହରୁ ଅର୍ପଣ ରଥ ମାଧ୍ୟମରେ ଏହି ଅକ୍ଷତ ବା ଅରୁଆ ଚାଉଳ ଓ ଗୁଆ ସଂଗ୍ରହ ହେଉଛି। ଆଜି ପ୍ରଥମ ଦିନରେ ଜିଲ୍ଲାର ୨୫ଟି ପଞ୍ଚାୟତ ବୁଲିଛି ଅର୍ପଣ ରଥ। ସଦର ବ୍ଲକର ଗୋପୀନାଥପୁର, କାଶି ହରିହରପୁର, ମାଳତିପାଟପୁର, ତାଳଜଙ୍ଗା ପଞ୍ଚାୟତ, କଣାସ ବ୍ଲକର ଗଡସାନପୁଟ ଓ ଅଁଳା ଯୋଡି ପଞ୍ଚାୟତ, କାକଟପୁର ବ୍ଲକର କାକଟପୁର ପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ନୂଆପଡା ପଞ୍ଚାୟତ, ନିମାପଡା ବ୍ଲକର ଭୋଗ ସଳଦା ପଞ୍ଚାୟତ, ଗୋପ ବ୍ଲକର ଛଇତନା ପଞ୍ଚାୟତ, ବ୍ରହ୍ମଗିରି ବ୍ଲକର ଆମ୍ବପଡା ଓ ଡିମିରିସେଣା ପଞ୍ଚାୟତ, ପିପିଲି ବ୍ଲକର ପାଣିଦୋଳ, ଦାଣ୍ଡ ମୁକୁନ୍ଦପୁର, ତେଇଶିପୁର ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକର ଆଳସିହି, ଅଳଙ୍ଗପୁର, ନାଗର, ନଇଗୁଆଁ, ଅସ୍ତରଙ୍ଗ ପଞ୍ଚାୟତ, ଡେଲାଙ୍ଗ ବ୍ଲକର ସୁଜନପୁର ପଞ୍ଚାୟତ, ସତ୍ୟବାଦୀ ବ୍ଲକର ସୁକଳ ଓ ଡୁଗଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜି ଅର୍ପଣ ରଥ ପରିକ୍ରମା କରିଥିଲା।

ଏହି ରଥକୁ ପ୍ରତି ସ୍ଥାନରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ମିଳିଥିଲା। ପରିକ୍ରମା ପ୍ରକଳ୍ପର ଡିଜାଇନକୁ ନେଇ ପ୍ରସ୍ତୁତ ହୋଇ ଥିବା ଏହି ରଥ ପହଞ୍ଚିବା କ୍ଷଣି ହରିବୋଲ, ହୁଳହୁଳି, ସଂକୀର୍ତ୍ତନ, ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଗ୍ରାମ ଗୁଡିକ। ସ୍ୱତଃ ପୂତଃ ଭାବେ ପ୍ରତି ଗୃହରୁ ମା' ମାନେ ଅକ୍ଷତ ଓ ଗୁଆ ଉଦ୍ଦିଷ୍ଟ ପାତ୍ରରେ ଅର୍ପଣ କରିଥିଲେ।



# ଶୁଭ ଲୋକାର୍ପଣ ଅପେକ୍ଷାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ







## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଜଗତସିଂହପୁରରେ ମା' ସାରଳା ଓ ପ୍ରଭୁ କୁଞ୍ଜବିହାରୀଙ୍କୁ ନିମନ୍ତ୍ରଣ

ଆସନ୍ତା ୧୭ ତାରିଖରେ ହେବାକୁଥିବା ପ୍ରସିଦ୍ଧ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ବିଭିନ୍ନ ଜିଲ୍ଲାର ପ୍ରମୁଖ ମନ୍ଦିର ମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସାରଳା ଏବଂ ଗଡ଼ କୁଜଙ୍ଗର କୁଞ୍ଜବିହାରୀ ମନ୍ଦିରକୁ ପୁରୀରୁ ଆସିଥିବା ସେବାୟତ ଓ ସୁଆରମାନେ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନ୍ ସେବାୟତମାନଙ୍କୁ ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟା, ହୁଳହୁଳି ସହ ଭବ୍ୟ ସମ୍ବର୍ଦ୍ଧନାରେ ପାଛୋଟି ଅଣାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ




ଚିନ୍ମୟୀ ବିଶ୍ୱାଳ ମହାପ୍ରଭୁଙ୍କ ସେବାୟତମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମା' ସାରଳା ଏବଂ ଗଡ଼ କୁଜଙ୍ଗ କୁଞ୍ଜବିହାରୀ ମନ୍ଦିରରୁ ଆସିଥିବା ସେବକମାନେ ଆଜ୍ଞା ମାଳ ଓ ତିଳକ ଚନ୍ଦନ ଦେଇ ସେବାୟତମାନଙ୍କୁ ସ୍ୱାଗତ ଜଣାଇଥିଲେ। ନୋଡାଲ ଅଫିସର ଦାୟିତ୍ୱରେ ଥିବା ପୁରୀ କୃଷି ଜିଲ୍ଲା ଅଧିକାରୀ ସୁଶାନ୍ତ ଦାସ ଉପସ୍ଥିତ ଜନତାଙ୍କୁ ଏହି ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିର, ପ୍ରମୁଖ ମନ୍ଦିରମାନଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରଥମେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ ପରେ ବିଭିନ୍ନ ଜିଲ୍ଲାରେ ଥିବା ଜଗନ୍ନାଥ ମନ୍ଦିର ଓ ପ୍ରସିଦ୍ଧ ମନ୍ଦିର ଗୁଡିକୁ ନିମନ୍ତ୍ରଣ କରାଯାଇଛି। ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମକୁ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ପ୍ରମୁଖ ସଫଳ ଭାବେ ଆୟୋଜନ କରିଥିଲେ। ପରେ ସେବାୟତମାନେ ମହାପ୍ରଭୁଙ୍କର ତୁଳସୀ ଓ ପ୍ରସାଦ ଉପସ୍ଥିତ ଜନ ସମୁଦାୟଙ୍କୁ ବଣ୍ଟନ କରିଥିଲେ। ଏହି ଅମୃତମୟ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସହରର ବରିଷ୍ଠ ବୁଦ୍ଧିଜୀବୀ, ଦୁଇ ମନ୍ଦିରରୁ ଆସିଥିବା ସେବକ ତଥା ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଦେଖିବାକୁ ମିଳିବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପୂର୍ବ ଝଲକ। ସାରା ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ଯାହାର ସାନିଧ ଲାଭ କରିବେ ବିଶ୍ୱର ଅଗଣିତ ଜଗନ୍ନାଥ ପ୍ରେମୀ ।
ପଥର ବି' ଈଶ୍ୱରଙ୍କ ଉପାସନା କରିପାରେ ଏହାର ମଧ ନିଦର୍ଶନ ଦେଖିବାକୁ ମିଳିବ। ଉତ୍କୃଷ୍ଟକଳାର ଭୂଖଣ୍ଡ 'ଉତ୍କଳ' ମନ୍ଦିର ନିର୍ମାଣ କୌଶଳରେ ଜଗତ ବିଖ୍ୟାତ । କଳା ଓ ସ୍ଥାପତ୍ୟ ହେଉଛି ଓଡ଼ିଆ ମାନଙ୍କର ସାଧନା ଓ ପୂଜା। ସେଇଥି ପାଇଁ କାହିଁ କେଉଁ ସମୟରୁ ଏ ଜାତିର ତ୍ରାଣକର୍ତ୍ତା



ପ୍ରଭୁଜଗନ୍ନାଥଙ୍କ ପାଇଁ ଓଡ଼ିଆ ଜାତି ନିର୍ମାଣ କରିଥିଲା କଳା ସ୍ଥାପତ୍ୟରେ ଭରପୂର ଶ୍ରୀମନ୍ଦିର ।
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ଓ ପ୍ରଯତ୍ନରେ ଏହି ପରିକ୍ରମା ପ୍ରକଳ୍ପ ମାଧ୍ୟମରେ କଳିଙ୍ଗ ସ୍ଥପତି ଆଉ ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି।
ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆରମ୍ଭରୁ ହିଁ ଏଥିରେ କଳିଙ୍ଗ ଶ୍ରେଣୀୟ ମନ୍ଦିର ନିର୍ମାଣ ଶୈଳୀକୁ ପ୍ରାଧାନ୍ୟତା ଦେବା ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ସେଇଥି ପାଇଁ ପରିକ୍ରମା ପ୍ରକଳ୍ପର ପ୍ରତିଟି କାର୍ଯ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ନିର୍ମାଣ ଶୈଳୀର ଝଲକ ଦେଖିବାକୁ ମିଳିବ।

## ରାୟଗଡାରେ ପହଞ୍ଚିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତ୍ରଣ

ଆସନ୍ତା ୧୭ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ପୁରୀ ଶ୍ରୀକ୍ଷେତ୍ରରୁ ରାୟଗଡା ଶ୍ରଦ୍ଧା ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଓ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପହଞ୍ଚିଛି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଲାଞ୍ଜିଆ ସଉରା ନୃତ୍ୟ, ଡଙ୍ଗରିଆ ନୃତ୍ୟ, ସଂକୀର୍ତ୍ତନ, ଶଙ୍ଖଧ୍ୱନି ଓ ହରିବୋଲ, ହୁଳହୁଳି ପକାଇ ନିମନ୍ତ୍ରଣ ଧରି ଆସିଥିବା ସେବାୟତଙ୍କୁ ରାୟଗଡା ଠାରେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ରାୟଗଡା ଶ୍ରଦ୍ଧା ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେବାୟତମାନେ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏଥିସହ ମନ୍ଦିର ପରିଚାଳନା କମିଟି ତରଫରୁ ଏକ ସାଧାରଣସଭାର ଆୟୋଜନ କରାଯାଇଥିଲା । ଏଥିରେ ସେବାୟତ ବୃନ୍ଦଙ୍କ ସମେତ ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାସ୍କରଚନ୍ଦ୍ର ରଇତ, ତହସିଲଦାର ତଥା ଦେବତ୍ତୋର ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ, ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ, ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁନୀଲଚନ୍ଦ୍ର ପଣ୍ଡା, ପ୍ରତାପ କୁମାର ତ୍ରିପାଠୀ, ସୁଜିତ ଚନ୍ଦ୍ର ପଣ୍ଡା, ରଂଜନ ରଥ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ମା' ମଝିଘରିଆଣୀ ମନ୍ଦିର





ପରିଚାଳନା କମିଟି ସଦସ୍ୟ ରାଧାକୃଷ୍ଣ ଦଳେଇ, ଇପିଲି ରାଜୁ, ଦେବ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ପୁରୀରୁ ନିମନ୍ତ୍ରଣ ପତ୍ର ନେଇ ଆସିଥିବା ସେବାୟତ ଶିବଶଙ୍କର ରଣା, ସତ୍ୟସୁନ୍ଦର ଚ୍ୟାଉପଟ୍ଟନାୟକ, ସୁବାଷ ଚନ୍ଦ୍ର ମହାନ୍ତି ଏବଂ ପ୍ରଶାସନିକ ଅଧିକାରୀ ସ୍ୱରୁପ କୁମାର କରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅତିଥିମାନେ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ସେବାୟତ ବୃନ୍ଦଙ୍କ ପକ୍ଷରୁ ରାଜ ପୁରୋହିତ ଶ୍ରୀ ଦାସଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇ ଆସନ୍ତା ୧୭ତାରିଖରେ ଶ୍ରୀମନ୍ଦିର ବିଶ୍ୱ ଐତିହ୍ୟ କରିଡର ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଥିଲା । ପରେ ମନ୍ଦିରରୁ ମା' ମଝିଘରିଆଣୀ ମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରାଯାଇ ମା'ଙ୍କ ମନ୍ଦିରରେ ମଧ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା । ଗତ ଡିସେମ୍ବର ୨୬ ତାରିଖରେ ସେବାୟତ ବୃନ୍ଦ ନିମନ୍ତ୍ରଣ ପତ୍ର ଧରି ପ୍ରଥମେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରରେ କାଳିଆ ଠାକୁରଙ୍କୁ ଦର୍ଶନ କରି ଭୁବନେଶ୍ୱରର ଶ୍ରୀଜଗନ୍ନାଥ ଏବଂ ଲିଙ୍ଗରାଜ ମନ୍ଦିରରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ପରେ ଗଜପତି ଜିଲ୍ଲାରେ ନିମନ୍ତ୍ରଣ ଦେଇ ରାୟଗଡା ଠାରେ ପହଞ୍ଚିଥିଲେ । ଓଡ଼ିଶା ଭିତରେ ସମୁଦାୟ ୧୩ ଟିମ୍ ଗଠନ କରାଯାଇ ରାଜ୍ୟର ୩୦ଟି ଜିଲ୍ଲାରେ ବୁଲି ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ସେବାୟତ ଟିମକୁ ବିଭକ୍ତ କରାଯାଇଛି ବୋଲି ସେବାୟତ ବୃନ୍ଦ ପ୍ରକାଶ କରିଥିବା ବେଳେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ରାଜ୍ୟବାସୀ ବେଶ୍ ପ୍ରଶଂସା କରିବା ସହ ଏହା ଓଡ଼ିଶାର ଗର୍ବ, ଗୌରବ ଓ ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ମତ ପ୍ରକାଶ ପାଇଥିଲା।

## ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପ୍ରତିନିଧି ଦଳଙ୍କୁ ମୟୂରଭଞ୍ଜ ପ୍ରଶାସନ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ରାଜ୍ୟ ସରକାରଙ୍କର ମହତ୍ତ୍ୱାକାଂକ୍ଷୀ ଯୋଜନା ଆଧାରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଆସନ୍ତା ୨୦୨୪ ମସିହା ଜାନୁଆରୀ ୧୭ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପୁରୀଠାରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରତିନିଧି ମଣ୍ଡଳ ମାନେ ଗସ୍ତ କରି ମହାପ୍ରଭୁଙ୍କର ଏହି ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ତା ୨୭.୧୨.୨୦୧୩ ରିଖ ବୁଧବାର ଦିନ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ପୁରୀରୁ ଏକ ପ୍ରତିନିଧି ମଣ୍ଡଳ ବାରିପଦା ଗସ୍ତକରି ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ ବାରିପଦା ଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଏହାର ନିମନ୍ତ୍ରଣ ପତ୍ର ବଣ୍ଟନ ବାରିପଦା ସ୍ଥିତ ପ୍ରସିଦ୍ଧ ହରି ବଳଦେବ ଜୀଉ ମନ୍ଦିର (ଜଗନ୍ନାଥ ମନ୍ଦିର) ଏବଂ ପରେ ପରେ ମା ଅମ୍ବିକା ମନ୍ଦିର ରେ ସମ୍ପାଦନା ହୋଇଥିଲା। ଏଥିପାଇଁ ପୁରୀ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନିଶିଥ ଦାଶ, ଶ୍ରୀ ସଞ୍ଜୟ କୁମାର ଦତ୍ତ ମହାପାତ୍ର, ସେବାୟତ, ଏବଂ ଶ୍ରୀ ଧନେଶ୍ୱର ଦତ୍ତ ମହାପାତ୍ର, ସେବାୟତ, ଶ୍ରୀମନ୍ଦିର ଆଜି



ସକାଳେ ବାରିପଦା ସହର ଅଭିମୁଖେ ଯାତ୍ରା କରି ପୂର୍ବାହ୍ନ ୧୧ ଘଟିକାରେ ଶ୍ରୀଶ୍ରୀ ହରି ବଳଦେବ ଜୀଉ ମନ୍ଦିର ଏବଂ ପରେ ପରେ ମା ଅମ୍ବିକା ମନ୍ଦିରରେ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟ ସମ୍ପାଦନା କରିଥିଲେ। ବାରିଆପଡା ପୌରପାଳିକା ତରଫରୁ ସମସ୍ତ ପ୍ରାକ-ପ୍ରସ୍ତୁତି କାର୍ଯ୍ୟକ୍ରମ ସହିତ ଏହି ପ୍ରତିନିଧି ମଣ୍ଡଳଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଶ୍ରୀଶ୍ରୀ ହରି ବଳଦେବ ଜୀଉ ମନ୍ଦିର ସେବାୟତ ମାନେ ମହାପ୍ରଭୁଙ୍କ ଭବ୍ୟ ମନ୍ତ୍ର ଏବଂ ହୁଳହୁଳି ଧ୍ୱନିରେ ସ୍ୱାଗତ କରିଥିଲେ । ଏହାପରେ ମନ୍ଦିରରେ ନୀତି କାନ୍ତି ଶେଷ କରି ମହାପ୍ରଭୁ ଏବଂ ମା ଅମ୍ବିକାଙ୍କୁ ପ୍ରତିନିଧି ମଣ୍ଡଳ ନିମନ୍ତ୍ରଣ ଦେଇ ଆସିଥିଲେ। ସୂଚନା ଥାଉକି ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ (ଭା.ପ୍ର.ସେ.) ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ଅଧିକାରୀ ତଥା ପୋଲିସ ପ୍ରଶାସନ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କାର୍ଯ୍ୟରତ ଥିଲେ। ବାରିପଦା ପୌରପାଳିକାର ଅଧକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଉପ-ଅଧକ୍ଷା ଶ୍ରୀମତୀ ସୀମା ଦାସ ତଥା ବାରିପଦାର ବିଭିନ୍ନ କର୍ପୋରେଟର ମାନେ ପ୍ରମୁଖ ଉପସ୍ଥିତ ରହି ଏହି ନିମନ୍ତ୍ରଣ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ (ଭା.ପ୍ର.ସେ.), ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଅଭିମନ୍ୟୁ ବେହେରା, ଓ.ପ୍ର.ସେ,(ବରିଷ୍ଠ), ବାରିପଦା ଉପାଜିଲ୍ଲାପାଳ, ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ,ଓ.ପ୍ର.ସେ,(ବରିଷ୍ଠ), ସହକାରୀ ଜିଲ୍ଲାପାଳ ଶ୍ରୀ ବିଶ୍ୱଜିତ ପଣ୍ଡା (ଓ.ପ୍ର.ସେ), ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି (ଓ.ସୂ.ସେ.), ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଶ୍ରୀ ଅନନ୍ତ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଐତିହାସିକ ପଦକ୍ଷେପ ଅଟେ, ଏହି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଓଡ଼ିଶାର ବିଭିନ୍ନ ଧର୍ମପୀଠ ତଥା ମନ୍ଦିରକୁ ନିମନ୍ତ୍ରଣ କରିବା ଅଧ୍ୟାତ୍ମିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ, ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ତଥା ବାଣୀକ୍ଷେତ୍ର ଝଙ୍କଡ଼ ଶାରଳା ମନ୍ଦିରକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ମା'ଶାରଳାଙ୍କ ସହ ପୁରୀ ଶ୍ରୀମନ୍ଦିର ସମ୍ପର୍କ ବେଶ ଘନିଷ୍ଠ ଅଟେ। ମା'ଶାରଳା ପ୍ରତ୍ୟେକ ଏକାଦଶୀ ଦିନ ଶ୍ରୀଜଗନ୍ନାଥ ବେଶ ହୋଇଥାନ୍ତି। ଏହାସହ ପ୍ରତ୍ୟେକ ଦିନ ମାଙ୍କ ନିକଟରେ ଶ୍ରୀମହାପ୍ରସାଦ ଲାଗିହୋଇଥାଏ। ସମ୍ପ୍ରତି ରତ୍ନସିଂହାସନରେ ଅଧିଷ୍ଠିତ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି ଦାରୁ ରୂପେ ଜଗତସିଂହପୁର ଜିଲ୍ଲାରୁ ଯାଇଛନ୍ତି। ବିଶେଷ କରି ବଳଭଦ୍ରଙ୍କ ଦାରୁ ବିଗ୍ରହ ଝଙ୍କଡ଼ର ମା'ଶାରଳାଙ୍କ ପୀଠରୁ ଯାଇଅଛି। ତେଣୁ ପୁରୀ ଶ୍ରୀକ୍ଷେତ୍ର ସହିତ ଝଙ୍କଡ଼ ଶକ୍ତିକ୍ଷେତ୍ରର ଭାବଗତ ସମ୍ପର୍କ କେଉଁ ପ୍ରାଚୀନ କାଳରୁ ରହିଆସିଅଛି, ପୁରୀ ଶ୍ରୀକ୍ଷେତ୍ରରେ ପାଳିତ ହେଉଥିବା ଅନେକ ପର୍ବପର୍ବାଣି ଶାରଳା ମନ୍ଦିରରେ ପାଳିତ ହୋଇଥାଏ, ସେଥିମଧ୍ୟରୁ ଚନ୍ଦନ ଯାତ୍ରା, ଦୋଳ ଉତ୍ସବ, ଗହ୍ମାପୁର୍ଣିମା, ରାହାସ ଇତ୍ୟାଦି ବୈଷ୍ଣବ ଧର୍ମ ସମ୍ପର୍କିତ ଅନେକ ପର୍ବ ମା'ଶାରଳାଙ୍କ ପୀଠରେ ପାଳିତ ହୋଇଥାଏ, ଏହିସବୁ ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟରେ ଶାରଳା ମନ୍ଦିର ପ୍ରଶାସନକୁ ଜଡିତ କରାଯାଇଛି।

**ଅମରଜ୍ୟୋତି ସାହୁ,**
**ଶାରଳା ସାହିତ୍ୟ ଗବେଷକ, ଜଗତସିଂହପୁର**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ୧୭ରେ ହେବାକୁ ଥିବାବେଳେ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ଲହଡି ଖେଳିଯାଇଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ପୁରା ହେବାକୁ ଯାଉଛି। କୋଟି କୋଟି ଓଡ଼ିଆଙ୍କ ଆରାଧ ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଏହା ସମ୍ଭବ ହୋଇପାରିଛି ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ ଭି.କେ. ପାଣ୍ଡିଆନଙ୍କ ପାଇଁ। ଆସନ୍ତା ୧୭ ତାରିଖରେ ଉତ୍ସବରେ ଯୋଗଦେବାପାଇଁ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ଓ ଗଡକୁଜଙ୍ଗର କୁଞ୍ଜବିହାରୀ ମନ୍ଦିରକୁ ନିମନ୍ତ୍ରଣ ଆସିଛି। ଜଗନ୍ନାଥ ହେଉଛନ୍ତି କୋଟି କୋଟି ଭକ୍ତଙ୍କର ପ୍ରାଣବିନ୍ଦୁ। ଏହି ଏପରିପ୍ରେକ୍ଷୀରେ ଅରୁଆ ଚାଉଳ ଓ ଗୋଟା ଗୁଆ ସଂଗ୍ରହ କରାଯାଉଛି। ଶ୍ରୀ ମନ୍ଦିର ଏକ ନୂଆ ରୂପ ନେବ। ଏହା ଆମ ପାଇଁ ବଡ଼ ଗର୍ବର ବିଷୟ। ଜଗତର ନାଥ ଜଗନ୍ନାଥ ବଡ଼ ଠାକୁର ତାଙ୍କର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ପାଇଁ ସମଗ୍ର ରାଜ୍ୟ ପରିକ୍ରମା କରି ଅକ୍ଷତ ଓ ଗୋଟା ଗୁଆ ସଂଗ୍ରହ କରାଯାଇ ମହା ଆନନ୍ଦରେ ପାଳନ ହେବ। ପ୍ରତ୍ୟେକ ଗାଁ ଗାଁରେ ଶ୍ରୀମନ୍ଦିର ପରିକ୍ରମା ରଥକୁ ଫୁଲ ଚନ୍ଦନ, ହୁଳହୁଳି ହରିବୋଲ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଉଛି।

**ହିମାଂଶୁ ଶେଖର ଆଚାର୍ଯ୍ୟ**
**ସ୍ତମ୍ଭକାର, ଜଗତସିଂହପୁର**



ଚଳିତ ମାସ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ହେବାକୁ ଯାଉଛି। ଏହା ଅତ୍ୟନ୍ତ ଆନନ୍ଦର ବିଷୟ ସମଗ୍ର ଓଡ଼ିଶାବାସୀ ତଥା ଭାରତବାସୀ ଏବଂ ବିଶ୍ୱବାସୀଙ୍କ ପାଇଁ । ଏହି ପ୍ରତିଷ୍ଠା ଦିବସକୁ ସାରା ଓଡ଼ିଶାବାସୀ ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହିତ ଅପେକ୍ଷା କରି ରହିଛନ୍ତି। ଶ୍ରୀଜଗନ୍ନାଥ ଓଡ଼ିଶାର ଆରାଧ ଦେବତା। ଏହି ଉତ୍ସବରେ ଯୋଗ ଦେବା ପାଇଁ ଓଡ଼ିଶାର ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଛି। ସେହି ପରିପ୍ରେକ୍ଷୀରେ ରାୟଗଡାର ଶ୍ରଦ୍ଧା ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଓ ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପହଞ୍ଚିଛି। ରାୟଗଡାବାସୀ ଏହି ନିମନ୍ତ୍ରଣକୁ ହୃଦୟର ସହ ସ୍ୱୀକାର କରି ପ୍ରତିଷ୍ଠା ଦିବସକୁ ଉଚ୍ଚାଟିତ ହୋଇ ଅନେଇ ରହିଛନ୍ତି। ଏହି ଉନ୍ନତି ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ' ଭି.କେ.ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି ରାୟଗଡାବାସୀ।

**ପ୍ରଦୀପ କୁମାର ସାହୁ**
**ପ୍ରୋଗ୍ରାମର, ରାୟଗଡା ଏନ୍.ଆର.ଏଚ୍.ଏମ୍.**



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ଜାନୁଆରୀ ୧୭ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ହେବାକୁ ଥିବାବେଳେ, ଏହାର ଭବ୍ୟ ଆୟୋଜନ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରତିନିଧି ମଣ୍ଡଳମାନେ ଗସ୍ତ କରି ମହାପ୍ରଭୁଙ୍କର ଏହି ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ଜଗନ୍ନାଥ ରଥ ସମଗ୍ର ଓଡିଶା ପରିକ୍ରମା କରିବ ବୋଲି ଜଣାଯାଇଛି। ତେବେ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ। ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ। ଏଣୁ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ରଥ ପରିକ୍ରମା କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ।

**ଦୀପକ କୁମାର ନାୟକ**
**ସାମ୍ବାଦିକ, ବାରିପଦା, ମୟୁରଭଞ୍ଜ**



ପୁରୀ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ପରିଚୟ। ତେବେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିନବ ପ୍ରୟାସ ବର୍ତ୍ତମାନ ସଫଳ ହୋଇଥିବା ବେଳେ ଆସନ୍ତା ୧୭ ତାରିଖରେ ଏହାର ଲୋକାର୍ପଣ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ଶ୍ରୀମନ୍ଦିର ପ୍ରଶାସନ ପ୍ରତିନିଧି ମଣ୍ଡଳମାନେ ଗସ୍ତ କରି ମହାପ୍ରଭୁଙ୍କର ଏହି ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି। ବାରିପଦାକୁ ପ୍ରତିନିଧି ଦଳ ଆସିଥିବା ବେଳେ, ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜଗନ୍ନାଥ ରଥ ସମଗ୍ର ଓଡିଶା ପରିକ୍ରମା କରୁଥିବା ଜାଣି ମୁଁ ବେଶ୍ ଖୁସି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେବ। ଏହି ଅବସରରେ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ରଥ ପରିକ୍ରମା କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛି।

**କୃଷ୍ଣା ନନ୍ଦ ମହାନ୍ତି**
**ନଗରପାଳ, ବାରିପଦା ପୌରପରିଷଦ, ମୟୁରଭଞ୍ଜ**

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ଚାଉଳ ଉତ୍ପାଦନ କମିବ

କେନ୍ଦ୍ର ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି। ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି। ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ। ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ। ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା। ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ। ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା। ଏନ୍ଏସ୍ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି। ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା। ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ। କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି।

ରାଜଧାନୀ ଚିନ୍ତା



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

# ହଜାରେ ପୁଅକୁ ଝିଅ ନଅଶହ ପଚିଶ

ଗତ ରବିବାର ଦିନ ସକାଳ ଆଠଟାରେ ହରିବାବୁ ଖଣ୍ଡିଏ ଓଡ଼ିଆ ଖବରକାଗଜ ଧରି ତର ତର ହୋଇ ରାମ ଗୋପାଳ ବାବୁଙ୍କ ବୈଠକ ଖାନାରେ ପ୍ରବେଶ କରି ଗୋଟିଏ ଚୌକୀରେ ବସି ପଡିଲେ। ସେତେବେଳକୁ ଆସରର ଅନ୍ୟ ସଭ୍ୟ, ସଭ୍ୟାମାନେ ଆସି ପହଞ୍ଚି ସାରିଥିଲେ। ପାର୍ବତୀ ଦେବୀ ତାଙ୍କୁ ପଚାରିଲେ, 'ହରିବାବୁ କହିଲେ ଓଡ଼ିଶାରେ ପ୍ରତି ହଜାରେ ପୁଅ ଜନ୍ମ ହେଲା ବେଳକୁ ନଅଶହ ପଚିଶ ଝିଅ ଜନ୍ମ ହେଉଛନ୍ତି। ଏବିଷୟରେ ଭାରତରେ ଓଡ଼ିଶାର ସ୍ଥାନ ଛଅ। ଗତ ଚାରିବର୍ଷରେ ଓଡ଼ିଶାରେ ଝିଅମାନଙ୍କ ଜନ୍ମ ଶତକଡା ୬୦୦ ଭାଗ କମିଯାଇଛି। କେତେକ ଜିଲ୍ଲାରେ ତ ଝିଅମାନଙ୍କ ଜନ୍ମର ହାର ୯୨୫ରୁ ମଧ୍ୟ କମ୍। ହଜାରେ ପୁଅ ଜନ୍ମ ହେଲା ବେଳକୁ ଝିଅମାନଙ୍କ ଜନ୍ମର ସଂଖ୍ୟା, ନୟାଗଡ ଜିଲ୍ଲାରେ ୮୧୧, ଢେଙ୍କାନାଳ ଜିଲ୍ଲାରେ ୮୬୫, ସୋନପୁର ଜିଲ୍ଲାରେ ୮୮୦, ଅନୁଗୁଳ ଜିଲ୍ଲାରେ ୮୮୫, ଜଗତ୍‌ସିଂହପୁର ଜିଲ୍ଲାରେ ୮୯୭, ଓ କେନ୍ଦ୍ରାପଡା ଜିଲ୍ଲାରେ ୮୯୮। ଏସବୁ ଶୁଣିବା ପରେ ରାମ ଗୋପାଳ ବାବୁ କହିଲେ 'ପାର୍ବତୀ ଦେବୀ ଆପଣ କୁହନ୍ତୁ ଏ ପରି କାହିଁକି ହେଉଛି।'' ପାର୍ବତୀ ଦେବୀ କହିଲେ,'' ଅନେକ ସମୟରେ ଗର୍ଭବତୀ ମା ପେଟରେ ଛୁଆର ସ୍ଥିତି କେମିତି ଅଛି ଜାଣିବା ପାଇଁ ଡାକ୍ତର ୟୁଏସ୍‌ଜି ପରୀକ୍ଷା କରିଥାନ୍ତି। ସରକାରଙ୍କ ନିର୍ଦ୍ଦେଶରେ କିନ୍ତୁ ପୀଡିତ ବା ପରିବାରର ଆଉ କାହାକୁ ଛୁଆର ଲିଙ୍ଗ କୁହାଯାଏ ନାହିଁ। ଡାକ୍ତର ମାନେ ଏହାକୁ କଡାକଡି ଭାବେ ପାଳନ କରିଥାଆନ୍ତି। ତେବେ ତାଙ୍କର କୌଣସି କୌଣସି ଅଧସ୍ତନ କର୍ମଚାରୀ ପ୍ରଲୋଭିତ ହୋଇ ପୀଡିତାର ସ୍ୱାମୀଙ୍କୁ ଚୁପ୍‌କରି ଛୁଆର ଲିଙ୍ଗ ଜଣେଇ ଦେଇଥାଆନ୍ତି। ସେ ପରିବାରରେ ଆଗରୁ ଗୋଟିଏ ବା ଦୁଇଟି ଝିଅ ଜନ୍ମ ଦେଇ ସାରିଥିଲେ ଲ୍ୟୁକ୍‌କାୟିତ ଭାବରେ କୌଣସି ଛୋଟ କ୍ଲିନ୍‌କ୍‌ରେ ପୀଡିତାର ଗର୍ଭପାତ କରେଇ ଦିଅନ୍ତି। ଅନେକ ସମୟରେ ପୀଡିତାଙ୍କ ମୃତ୍ୟୁ ମୁଖରେ ପଡିବା ଆଶଙ୍କା ଥାଏ।

ପୁଣି ପାର୍ବତୀ ଦେବୀ କହିଲେ, '' ଏପର୍ଯ୍ୟନ୍ତ ସମାଜରେ ଏହି ଧାରଣା ପ୍ରଚଳିତ ଅଛି ଯେ, ପୁଅ ହେଲେ ବଡ ହୋଇ ବାପାମାଙ୍କୁ ପୋଷିବ। ଆଉ ଝିଅ ହେଲେ ତା ବାହାଘର ପାଇଁ ଅନେକ ଖର୍ଚ୍ଚ କରିବାକୁ ପଡିବ ଓ ସେ ପରଘରକୁ ପଳାଇବ।'' ଅଭୟ ବାବୁ କହିଲେ,'' ସାମଜରୁ ଏହି ଭ୍ରାନ୍ତ ଧାରଣା କେବେ ଦୂର ହେବ କେଜାଣି ? ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧି ମହିଳା ହୋଇ ମଧ୍ୟ ପାକିସ୍ଥାନକୁ ଦୁଇଖଣ୍ଡ କରି ବାଙ୍ଗଲାଦେଶ ସୃଷ୍ଟି କରିଥିଲେ ତତ୍କାଳୀନ ପୂର୍ବ ପାକିସ୍ତାନରେ ଥିବା ନବେ ହଜାର ସୈନ୍ୟ ଆତ୍ମ ସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ। ଇନ୍ଦିରା ଗାନ୍ଧି କିନ୍ତୁ ପ୍ରତିହିଂସା ପରାୟଣା ନହୋଇ ଏହି ନବେ ହଜାର ସୈନ୍ୟଙ୍କୁ ରେଳଗାଡି ଯୋଗେ ପର୍ଶ୍ଚିମ ପାକିସ୍ତାନକୁ ପଠେଇ ଦେଇଥିଲେ।

ଏହା ପରେ ସଭ୍ୟମାନେ ନିଜ ନିଜ ଭିତରେ ଆଲୋଚନା କରି ଏହି ପ୍ରସ୍ତାବ ଗୁଡିକ ଗ୍ରହଣ କଲେ (୧) ବିଦ୍ୟାଳୟ ମାନଙ୍କରେ ବିଶେଷତଃ ହାଇସ୍କୁଲ ଗୁଡିକର ଉପଶ୍ରେଣୀ ଓ କଲେଜରେ ଏ ବିଷୟଟିକୁ ପାଠ୍ୟକ୍ରମରେ ସ୍ଥାନ ଦିଆଯାଉ। (୨) ଏ ବିଷୟରେ ବିଶେଷଜ୍ଞ ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ପ୍ରକାଶ କରାଯାଉ। (୩) କୌଣସି ଗର୍ଭବତୀ ନାରୀର ଶାରୀରିକ ଅବସ୍ଥା ଦୃଷ୍ଟିରୁ ଗର୍ଭପାତ ଦରକାର ହେଲେ ଅତିକମ୍‌ରେ ତିନି ଜଣ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇ ଏହା କରିବାକୁ ଅନୁମତି ଦିଆଯାଉ। (୪) ସେହିପରି ନାରୀ ଶିକ୍ଷାର ଉନ୍ନତି କରାଯାଇ ସେମାନଙ୍କୁ ଉଚ୍ଚ ଶିକ୍ଷିତା କରାଯାଇ ଉପଯୁକ୍ତ ସରକାରୀ ଚାକିରିରେ ନିଯୁକ୍ତି ଦିଆଯାଉ। ଏହା ଦ୍ୱାରା ମହିଳା ମାନେ ପୁରୁଷଙ୍କ ଠାରୁ ନିଜକୁ ନ୍ୟୁନ ବୋଲି କେବେ ଭାବିବେ ନାହିଁ।

ଉପରୋକ୍ତ ପ୍ରସ୍ତାବ ଗୁଡିକୁ ସରକାରଙ୍କୁ ଜଣେଇବା ପାଇଁ ପାର୍ବତୀ ଦେବୀ ଓ ରାମଗୋପାଳ ବାବୁଙ୍କ ଉପରେ ଦାୟିତ୍ୱ ଦିଆଯାଇ ସେଦିନର ଆସର ସାଙ୍ଗ କରାଗଲା।

ସଲିଳା ତ୍ରିପାଠୀ
ବୋଲଗଡ, ହନୁମାନଗଦୀ
ମୋ- ୮୭୬୩୭୮୮୬୧୪

# ଆପେ ରୁଚି ଭୋଜନ

**ଅନ୍ୟ ଦେଶର ଖାଦ୍ୟଗୁଡିକୁ ଆମ ଦେଶରେ ପ୍ରଚଳନ କରାଯାଇ ଆମର ଖାଦ୍ୟଗୁଡିକୁ ବିଲୁପ୍ତ କରିବା ଦ୍ୱାରା ଧୀରେ ଧୀରେ ଆମେ ଅସୁସ୍ଥ ହେବାରେ ଲାଗିଛୁ । ଆଜିର ଶିଶୁ ଯେଉଁମାନେ କାଲିର ନାଗରିକ ଯଦି ଏଭଳି ଭାବରେ ଖାଦ୍ୟର ସଠିକ୍ ପୋଷଣ ପାଇବେ ନାହିଁ ତେବେ ଆଗାମୀ ଭବିଷ୍ୟତ ଅନ୍ଧାର ପାଲଟି ଯିବ। ଯୁଗ ସାଥୀରେ ତାଳ ଦେଇ ଜ୍ଞାନ ଆହରଣ କରିବା, ଜଗତୀକରଣ ପ୍ରଭାବରେ ପ୍ରତ୍ୟେକ ଜିନିଷକୁ ସହଜରେ ଓ ସୁବିଧାରେ ପାଇଯିବା ଯେତିକି ସ୍ୱାଗତଯୋଗ୍ୟ ତା'ଠାରୁ ବେଶି ଦୁଃଖଦାୟକ ଜଙ୍କ୍‌ଫୁଡ୍ ଦ୍ୱାରା କବଳିତ ହୋଇ ଭବିଷ୍ୟତକୁ ଅନ୍ଧାର କରିବା । ତେଣୁ ଜନସାଧାରଣ, ବାପା, ମା', ଯୁବଗୋଷ୍ଠୀ, କୁନିକୁନି ପିଲାମାନଙ୍କୁ ଅନୁରୋଧ ଆମର ଖାଦ୍ୟପଦାର୍ଥର ଅନୁକରଣର ଅଭ୍ୟାସକୁ ବଦଳାଇ ନିଜ ମା' ହାତରନ୍ଧାକୁ ପୁଣିଥରେ ମନେପକାଇବା । ହୁଏତ ଏବେଠାରୁ ସଜାଗ ହେଲେ ଆମେ ପୁଣି ଏକ 'ସୁସ୍ଥ ଓ ନିରାମୟ' ସମାଜ ଗଢ଼ି ପାରିବା ।**

କଥାରେ ଅଛି "ଆପେ ରୁଚି ଭୋଜନ" ଆଉ "ପର ରୁଚି ବସନ" । ତେଣୁ ଯାହା ନିଜ ପାଟିକୁ ଭଲ ଲାଗିବ ତାକୁ ଖାଇବା ହିଁ ବିଧେୟ। ଓଡିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ଚୁଡା, ମୁଢ଼ି, ଭାତ ଏବଂ ପନିପରିବା ଆଉ ତା'ଠାରୁ ମଧ୍ୟ ଆହୁରି ଆଦରଣୀୟ 'ପିଠା'। ମଣ୍ଡାପିଠା, ଚକୁଳିପିଠା ଠାରୁ ଆରମ୍ଭ କରି ଚିତଉ ଆଉ ଛୁଞ୍ଚିପତର ପିଠା ଯାଏଁ ଗ୍ରାମାଞ୍ଚଳର ଘରେ ଘରେ ବିଭିନ୍ନ ପର୍ବପର୍ବାଣୀ ଆଳରେ ତିଆରି କରାଯାଏ । ଜଗନ୍ନାଥ ସଂସ୍କୃତିର ଏଇ ଭୂଖଣ୍ଡରେ ବାରମାସରେ ତେର ପରବର ଅଭାବ ନାହିଁ। ଘରକୁ କୁଣିଆ ମଇତ୍ର ଆସିଲେ ଅତି ଆଗ୍ରହରେ ଘରଣୀମାନେ ପିଠାପଣାର ଆୟୋଜନ କରିଥାନ୍ତି। କାହିଁ କେତେ କାଳରୁ ଏପରି ଚଳଣିରେ ଆମ ଚଳି ଆସିଛୁ । ମା'ମାନେ ଯାହା ରାନ୍ଧି ଦିଅନ୍ତି ପିଲାପାଇଁ ତାହା ଅମୃତ ପାଲଟି ଯାଏ। କେତେବେଳେ କେମିତି ବାହାର ଜିନିଷଟିଏ ଖାଇବାର ଆବଶ୍ୟକତା ପଡିଥାଏ । ତା'ଛଡା ପିଲାମାନେ ହଷ୍ଟେଲରେ ରହି ପାଠ ପଢ଼ିଲେ ମଧ୍ୟ ଘର ଖାଦ୍ୟକୁ ଝୁରି ହୁଅନ୍ତି । ସନ୍ଧ୍ୟାବେଳେ ଖେଳିବୁଲି କରି ଘରକୁ ଆସିଲେ ମା' ହାତର କ୍ଷୀର ଗ୍ଲାସକୁ ଅନାଇ ରୁହନ୍ତି । ବୁଢ଼ା ବୁଢ଼ୀମାନେ ଶେଷ ନିଶ୍ୱାସ ଯାଏ ମା'ର ହାତରନ୍ଧାକୁ ମନେ ପକାଇ କେତେ ଗପ କୁହନ୍ତି । ସତେ ଯେମିତି ବୁଢ଼ୀ ଅସୁରୁଣୀ ମାୟା କରି ମା' ଓ ପିଲାର ସେ ବନ୍ଧନଟିକୁ ଛିଣ୍ଡାଇ ଦେଇଛି । ଆଜିର ଏ ଯୁଗରେ ମା' କେବଳ ନିଜ ପାଇଁ ରାନ୍ଧୁଛି । କାରଣ ତା' ହାତ ତିଆରି ବାସ୍ନାକୁ ଆଉ ପିଲାମାନେ ଖୋଜୁ ନାହାଁନ୍ତି । ଏବେ ସେମାନେ କେବଳ ପିଜା, ବର୍ଗର, ମୋମୋ, ଚାଓମିନ୍, ନୁଡୁଲ୍‌ସ ଏପରି ଅନେକ ଖାଦ୍ୟର ଗ୍ରାହକ ପାଲଟିଛନ୍ତି । ଯାହା ସଦାସର୍ବଦା ଘରେ ବନାଇବା ସମ୍ଭବପର ନୁହେଁ । ସେଗୁଡିକୁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପଯୋଗୀ ନୁହେଁ। ପାଟିକୁ ଅତ୍ୟନ୍ତ ସୁଆଦିଆ ଲାଗୁଥିବାରୁ କିଛିକାଂଶରେ ଯୁବଗୋଷ୍ଠୀ ମଧ୍ୟ ସେହି ଖାଦ୍ୟ ପାଇଁ ଲାଳାୟିତ ହୋଇ ଯାଉଛନ୍ତି । ପ୍ରତି ସ୍ଥାନରେ ଦୋକାନ ବଜାରର ଅଭାବ ନାହିଁ । ଭ୍ରାମ୍ୟମାଣ ଗାଡି ହେଉ କିମ୍ବା ଡେଲିଭରୀ ବୟ ଦ୍ୱାରା ଏସବୁ ଖାଦ୍ୟ ସହଜରେ ଉପଲବ୍ଧ ହେଉଛି। ରାସ୍ତା କଡରେ ବଡ ବଡ ଚିତ୍ର ଫଳକମାନ ଲଗାଇ ପ୍ରଚାର ପ୍ରସାର ଖୁବ୍ ଜୋର୍‌ରେ ହୋଇଚାଲିଛି । ଆଜି ବି ଆମ ରାଜ୍ୟରେ ହୁଏତ ଖାଇବାକୁ ପାଉନଥିବା ଜନସଂଖ୍ୟାର ହିସାବ କରିବା କଠିନ ବ୍ୟାପାର ହେଉଥିଲା ବେଳେ "ମାତ୍ର ୨୦୦ ଟଙ୍କାରେ ଗୋଟିଏ ମିଲ୍ (ପିଜା)" ଭଳି ବିଜ୍ଞାପନ ମାନ ଦିଆଇ ଛୁଆଠାରୁ ବୁଢ଼ା ମାନଙ୍କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରାଯାଉଛି । ୨୦୦ ଟଙ୍କାରେ ଅତି କମ୍‌ରେ ୪ ଜଣଙ୍କର କ୍ଷୁଧା ନିବାରଣ କରାଯାଇ ପାରିବ ଏକଥା କାହାକୁ ଅଛପା ନାହିଁ । ଅତଏବ ପାଟିକୁ ସୁଆଦିଆ ଲାଗିଲେ ଖାଇବା ନ୍ୟାୟରେ ଘରେ ଘରେ ଝଗଡାର ପରିବେଶ ନିତିଦିନିଆ ହୋଇପଡିଛି । ବାପା ମା' ମାନେ ପିଲାର ମନ ରଖିବା ପାଇଁ ହେଉ ଅବା ବିଭିନ୍ନ ସାମାଜିକ ଓ ମାନସିକ କାରଣ ପାଇଁ ଜଙ୍କ୍‌ଫୁଡ୍ ଠାରୁ ପିଲାକୁ ଦୂରେଇ ପାରୁନାହାନ୍ତି । କେଉଁଠି ସାଙ୍ଗସାଥୀ ମାନଙ୍କ ପାଇଁ ପିଲାମାନେ ବିବଶ ତ କେଉଁଠି ବାପା ମା' ପିଲାମାନଙ୍କ ପାଖରେ ବିବଶ ହୋଇ ପଡୁଛନ୍ତି । ଥରେ ଜଣେ ଗୃହିଣୀ ଦାଣ୍ଡ ଦୁଆରେ ମୁଢ଼ିବାଲା ସାଥୀରେ ୫ ଟଙ୍କା ପାଇଁ ଝଗଡା କରି ତତ୍କ୍ଷଣାତ୍ ନିଜ ପୁଅକୁ ବାହାରେ ଖାଇବା ନିମିତ୍ତ ୫୦୦ ଟଙ୍କାଟିଏ ବଢ଼େଇଦେଲେ । ଏପରି ଘଟଣାରୁ ଅନୁମେୟ ହେଉଛି ଯେ କେତେକ କ୍ଷେତ୍ରରେ ଆମେ ନିଜର ଦୁର୍ବଳତା ପାଇଁ ପିଲାମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳି ପାରୁନାହାଁନ୍ତି । କମ୍ ସମୟ ମଧ୍ୟରେ ହୋଇପାରିବ ବୋଲି ୨ ମିନିଟ୍‌ର ନୁଡୁଲ୍‌ସକୁ ତିଆରି କରି ଏବଂ ଓଭନ୍‌ର ସହାୟତା ନେଇ ବାସି ଖାଦ୍ୟକୁ ମଧ୍ୟ ପିଲାମାନଙ୍କ ଟିଫିନ୍ ବାକ୍ସରେ ରଖି ଦେଉଛନ୍ତି । ତା'ର ଫଳ ସ୍ୱରୂପ ସେମାନେ ପେଟରୋଗ, ଚର୍ମରୋଗ ପରି ଅନେକ ବ୍ୟାଧିର ଶିକାର ହେଉଛନ୍ତି। ବାସ୍ତବରେ ପ୍ରତ୍ୟେକଟି ଖାଦ୍ୟ ନିଜ ଦେଶର ଜଳବାୟୁ ଦ୍ୱାରା ପ୍ରଭାବିତ ଯାହା ଖାଦ୍ୟର ଗୁଣାତ୍ମକ ମାନକୁ ଅପରିବର୍ତ୍ତିତ ରଖିଥାଏ । ସବୁଜ ପନିପରିବା ହେଉ ଅବା ଫଳ ତାହା ନିଜ ଜାଗାର ଓ ତା' ସହିତ ଋତୁ ଅନୁଯାୟୀ ହେବା ଆବଶ୍ୟକ । ଅନ୍ୟ ଦେଶର ଖାଦ୍ୟଗୁଡିକୁ ଆମ ଦେଶରେ ପ୍ରଚଳନ କରାଯାଇ ଆମର ଖାଦ୍ୟଗୁଡିକୁ ବିଲୁପ୍ତ କରିବା ଦ୍ୱାରା ଧୀରେ ଧୀରେ ଆମେ ଅସୁସ୍ଥ ହେବାରେ ଲାଗିଛୁ । ଆଜିର ଶିଶୁ ଯେଉଁମାନେ କାଲିର ନାଗରିକ ଯଦି ଏଭଳି ଭାବରେ ଖାଦ୍ୟର ସଠିକ୍ ପୋଷଣ ପାଇବେ ନାହିଁ ତେବେ ଆଗାମୀ ଭବିଷ୍ୟତ ଅନ୍ଧାର ପାଲଟି ଯିବ। ଯୁଗ ସାଥୀରେ ତାଳ ଦେଇ ଜ୍ଞାନ ଆହରଣ କରିବା, ଜଗତୀକରଣ ପ୍ରଭାବରେ ପ୍ରତ୍ୟେକ ଜିନିଷକୁ ସହଜରେ ଓ ସୁବିଧାରେ ପାଇଯିବା ଯେତିକି ସ୍ୱାଗତଯୋଗ୍ୟ ତା'ଠାରୁ ବେଶି ଦୁଃଖଦାୟକ ଜଙ୍କ୍‌ଫୁଡ୍ ଦ୍ୱାରା କବଳିତ ହୋଇ ଭବିଷ୍ୟତକୁ ଅନ୍ଧାର କରିବା । ତେଣୁ ଜନସାଧାରଣ, ବାପା, ମା', ଯୁବଗୋଷ୍ଠୀ, କୁନିକୁନି ପିଲାମାନଙ୍କୁ ଅନୁରୋଧ ଆମର ଖାଦ୍ୟପଦାର୍ଥର ଅନୁକରଣର ଅଭ୍ୟାସକୁ ବଦଳାଇ ନିଜ ମା' ହାତରନ୍ଧାକୁ ପୁଣିଥରେ ମନେପକାଇବା । ହୁଏତ ଏବେଠାରୁ ସଜାଗ ହେଲେ ଆମେ ପୁଣି ଏକ 'ସୁସ୍ଥ ଓ ନିରାମୟ' ସମାଜ ଗଢ଼ି ପାରିବା ।



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

# ସା ବିଦ୍ୟା ଯା ନିଯୁକ୍ତୟେ

**ଦେବଭୂମି ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ସର୍ବପୁରାତନ ଭାବେ ସର୍ବଜନବିଦିତ । ଅଧୁନା ବିଶ୍ୱର ଅଧିକାଂଶ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି । ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ଅର୍ଥାତ୍ ବିଶ୍ୱବାସୀ ଆଜି ଯାହା ଦେଖୁଛନ୍ତି ସେଥିରେ ଭାରତର ଅବଦାନ ନିଶ୍ଚିତ ଭାବେ ଅଛି । ଯେତେବେଳେ ପୃଥିବୀରେ ଶିକ୍ଷାର ସାର୍ବଜନୀନ ବିଶ୍ୱବିଦ୍ୟାଳୟ ସ୍ତରୀୟ ରୂପରେଖ ଅସ୍ପଷ୍ଟ ଥିଲା ସେତେବେଳେ ଭାରତର ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ଖୁବ୍ ଉଚ୍ଚମାନର ଥିଲା । ତକ୍ଷଶୀଳା, ପୁଷ୍ପଗିରି, ନାଳନ୍ଦା, ରତ୍ନଗିରି, ବଲ୍ଲଭୀ, ବିକ୍ରମଶୀଳା ଭଳି ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାରତ ହେଉଛି ଶିକ୍ଷାର ପେଣ୍ଠସ୍ଥଳୀ ।**

ଶାସ୍ତ୍ରରେ ବର୍ଣ୍ଣିତ ଅଛି 'ତତ୍କର୍ମ ଯ ନବନ୍ଧାୟ, ସା ବିଦ୍ୟା ଯା ବିମୁକ୍ତୟେ', ଅର୍ଥାତ୍ ଯେଉଁ କର୍ମ କୌଣସି ଏକ ବ୍ୟକ୍ତିକୁ କୁ-ଅଭ୍ୟାସ ଦ୍ୱାରା ବାନ୍ଧି ରଖିନପାରେ ତାହା ହେଉଛି ଉପଯୁକ୍ତ କର୍ମ । ଠିକ୍ ସେହିପରି ସେଇ ହେଉଛି ବିଦ୍ୟା ଯାହା ଏକ ବ୍ୟକ୍ତିକୁ ମୁକ୍ତି ଦିଏ, ଜ୍ଞାନ ଦିଏ ଏବଂ ବିବେକାନୁମୋଦିତ କର୍ମ କରିବା ପାଇଁ ପ୍ରେରଣା ଯୋଗାଇଥାଏ । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିର ଭାରତର ଶିକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଏହା ସ୍ପଷ୍ଟ ଅନୁମେୟ ଯେ ବିଦ୍ୟାର ମୂଳଲକ୍ଷ୍ୟ ହେଉଛି ଚାକିରି କରିବା ବା ନିଯୁକ୍ତି ସୃଷ୍ଟି କରିବା । ଏକବିଂଶ ଶତାବ୍ଦୀର ମଣିଷ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଦାସ ହୋଇ ଚାକିରିରେ ନିଯୁକ୍ତି ପାଇବା ପାଇଁ ଅହରହ ପ୍ରୟାସ କରୁଛି । ପ୍ରଶାସନିକ ସେବା, ଡାକ୍ତର, ଓକିଲ, ଇଞ୍ଜିନିୟର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭଳି ବଡ଼ ବଡ଼ ପଦ ପଦବୀରେ ରହିବା ପାଇଁ ପ୍ରତିଯୋଗିତା ହେଉଛି । ସୌଭାଗ୍ୟ ବଶତଃ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଗଲେ ତାଙ୍କୁ ଆମ ସମାଜ ଜଣେ ଶ୍ରେଷ୍ଠ ବ୍ୟକ୍ତି ବୋଲି ବିବେଚନା କରେ । ଯିଏ ଚାକିରି ନପାଇଲା ତାକୁ ଅନେକ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ ଫଳରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେବାକୁ ପଛାଇ ନଥାନ୍ତି ଛାତ୍ରଛାତ୍ରୀମାନେ । ଆଧୁନିକ ଯୁଗର ମଣିଷ ପାଇଁ ବିଦ୍ୟା ବ୍ୟକ୍ତିଟିକୁ ମୁକ୍ତି ପ୍ରଦାନ ନକରି ନିଯୁକ୍ତି ପ୍ରଦାନ କରିବାରେ ସହାୟକ ହେଉଅଛି ତେଣୁ ଯଥାର୍ଥରେ କୁହାଯାଉଛି ଯେ 'ସା ବିଦ୍ୟା ଯା ନିଯୁକ୍ତୟେ' । ଦିନେ ଯେଉଁ ବିଦ୍ୟା ମନୁଷ୍ୟକୁ ମୁକ୍ତି ଦେଉଥିଲା ଆଜି ସେ ବିଦ୍ୟା ମନୁଷ୍ୟକୁ ନିଯୁକ୍ତି ଦେଉଛି । ଫଳରେ ଆମେ କହିବା ଯେ ସମୟାନୁକ୍ରମେ ଶିକ୍ଷାର ସଂଜ୍ଞା ବଦଳିବାରେ ଲାଗିଛି । ଯଦି ଏହିଭଳି ଚାଲେ ତେବେ ଭାରତର ଗୌରବମୟ ଗାରିମା ଧ୍ୱଂସ ପାଇଯିବ ଏବଂ ଆଗାମୀ ଦିନରେ ଭାରତର ବିଶ୍ୱଗୁରୁ ହେବାର ସ୍ୱପ୍ନ ଅଧୁରା ରହିଯିବ ଏଥିରେ ସନ୍ଦେହ ନାହିଁ ।

ଦେବଭୂମି ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ସର୍ବପୁରାତନ ଭାବେ ସର୍ବଜନବିଦିତ । ଅଧୁନା ବିଶ୍ୱର ଅଧିକାଂଶ ଦେଶ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରୁଛନ୍ତି । ଯାହା ନାହିଁ ଭାରତେ ତାହା ନାହିଁ ଜଗତେ ଅର୍ଥାତ୍ ବିଶ୍ୱବାସୀ ଆଜି ଯାହା ଦେଖୁଛନ୍ତି ସେଥିରେ ଭାରତର ଅବଦାନ ନିଶ୍ଚିତ ଭାବେ ଅଛି । ଯେତେବେଳେ ପୃଥିବୀରେ ଶିକ୍ଷାର ସାର୍ବଜନୀନ ବିଶ୍ୱବିଦ୍ୟାଳୟ ସ୍ତରୀୟ ରୂପରେଖ ଅସ୍ପଷ୍ଟ ଥିଲା ସେତେବେଳେ ଭାରତର ସୁସଂଗଠିତ ଶିକ୍ଷା ବ୍ୟବସ୍ଥା ଖୁବ୍ ଉଚ୍ଚମାନର ଥିଲା । ତକ୍ଷଶୀଳା, ପୁଷ୍ପଗିରି, ନାଳନ୍ଦା, ରତ୍ନଗିରି, ବଲ୍ଲଭୀ, ବିକ୍ରମଶୀଳା ଭଳି ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶରୁ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଥିଲେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାରତ ହେଉଛି ଶିକ୍ଷାର ପେଣ୍ଠସ୍ଥଳୀ । ପ୍ରାଚୀନ ଆର୍ଯ୍ୟ ପରମ୍ପରାରେ ବିଦ୍ୟା ଏକ ବ୍ୟକ୍ତିର ଷଡରିପୁ ( ଅହଙ୍କାର, ମିଥ୍ୟା, କ୍ରୋଧ, ଭୟ, ମୋହ ଓ କୁସଂସ୍କାର ଭଳି ଆସୁରିକ ପ୍ରକୃତି)କୁ ନାଶ କରି ମୁକ୍ତି ପ୍ରଦାନ କରିଥାଏ । ବିଦ୍ୟା ଅଧ୍ୟୟନ କରିବା ଦ୍ୱାରା ବ୍ୟକ୍ତିର ହୃଦୟରେ ଦୟା, କ୍ଷମା, ନ୍ୟାୟ, ସ୍ନେହ, ପ୍ରେମ, ଭଳି ଦୈବୀ ଗୁଣର ରସସଂଚାର ହୋଇଥାଏ ଯାହା କ୍ଷଣିକ ବନ୍ଧନରୁ ମୁକ୍ତ କରି ଚିରନ୍ତନ ସତ୍ୟକୁ ଅନୁଶୀଳନ କରାଏ ।

ଏକଦା ଶିକ୍ଷା ସମ୍ବନ୍ଧୀୟ ଏକ ସେମିନାରରେ ମୁଁ ଅଂଶ ଗ୍ରହଣ କରିଥାଏ । ରିସୋର୍ସେ ପର୍ସନ ଭାବେ ବ୍ରିଟିଶର ଜଣେ ପ୍ରାଧ୍ୟାପକ ତାଙ୍କ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ବକ୍ତବ୍ୟ ଦେଇ କହିଥିଲେ ଯେ ତାଙ୍କ ଦେଶରେ ଶିଶୁଟି ଶିକ୍ଷା ଲାଭ କରିବା ସମୟରେ ସେ ନିଜେ ନିଜର ଆଗ୍ରହକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିଜେ ସ୍ଥିର କରିବାକୁ ଲାଗିଥାଏ । ବାହ୍ୟ ପ୍ରଭାବ ତଥା ଅଭିଭାବକ ମାନଙ୍କ ତରଫରୁ ଶିଶୁର ଲକ୍ଷ୍ୟନେଇ କୌଣସି ଚାପ ପ୍ରୟୋଗ କରାଯାଇନଥାଏ । ଅଧୁନା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଠିକ୍ ଏହାର ବିପରୀତ ଅବସ୍ଥା ପରିଲିଖିତ ହେଉଛି । ଦୂର ଦିଗବଳୟରୁ ଦିଗନ୍ତ ଦୃଶ୍ୟମାନ ହେଲାଭଳି ଶିଶୁର ଭବିଷ୍ୟତ ନେଇ ଅଭିଭାବକମାନେ ନିଷ୍ପତି ନେଇଥାନ୍ତି । ଏହି ପରିପ୍ରେକ୍ଷୀରେ ଶିଶୁର ସ୍ୱାଧୀନତା ସମ୍ପୂର୍ଣ୍ଣ ରୂପେ ଲୋପ ପାଇଥାଏ । ଶିକ୍ଷା ଗ୍ରହଣ କରିବା ଦିନଠାରୁ ଶିଶୁଟି ଲାଗି ପଡ଼ିଥାଏ ବାପା ଓ ମା ଙ୍କର ଅଭିଳାଷ ପରିପୂର୍ଣ୍ଣ କରିବା ପାଇଁ । ଫଳରେ ସେ ଅନ୍ତର୍ନିହିତ ପ୍ରତିଭା ଅନୁଯାୟୀ ଭବିଷ୍ୟତ ପନ୍ଥା ଆପଣାଇବା ପରିବର୍ତ୍ତେ ତଥା ନିଜର ଅନିଚ୍ଛା ସତ୍ତ୍ୱେ ଅଭିଭାବକଙ୍କ ଚାପର ବଶବର୍ତ୍ତୀ ହୋଇଥାଏ । ଶିକ୍ଷା ଗ୍ରହଣ କରିବା ଦିନଠାରୁ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏମିତି ଏକ ମାନସିକତା ଆସିଥାଏ ଯେ ସେମାନେ ସରକାରୀ ଚାକିରି ତଥା ଉଚ୍ଚ ପଦପଦବୀ ରେ ରହିବା ପାଇଁ ପ୍ରତିଯୋଗିତା କରିଥାନ୍ତି । ବ୍ରିଟିଶ ଶାସନ କାଳରେ ବ୍ରିଟିଶରମାନେ ଶିକ୍ଷାକୁ କେବଳ ଚାକିରି ସାଙ୍ଗରେ ଯୋଡ଼ି ଦେଖୁଥିଲେ । ତେଣୁ ଭାରତ ସ୍ୱାଧୀନତା ଲାଭ କରିବା ପରଠାରୁ ଶିକ୍ଷା ବ୍ୟବସ୍ଥାରେ ସେହି ପୁରୁଣା ଢାଞ୍ଚାରେ ପ୍ରଚଳନ ହେଉଛି । ଏଠି ବିଦ୍ୟା ଆହରଣ କେବଳ ଚାକିରିରେ ସୀମିତ ହୋଇଯାଇଛି । ଶିକ୍ଷାକୁ ସର୍ବଦା ଭାରତ ଗୁରୁତ୍ୱ ଦେଇ ଆସିଛି । ସମୟାନୁଯାୟୀ ଯୁଗପଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରିଛି । ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭକରି ସ୍ୱାଧୀନତାର ପରବର୍ତ୍ତୀ ପର୍ଯ୍ୟାୟରେ ରାଧାକ୍ରିଷ୍ଣନ୍ କମିଶନ(୧୯୪୮-୪୯), ମୁଦାଲୀୟର କମିଶନ (୧୯୫୨), ଦୁର୍ଗାବାଈ ଦେଶମୁଖ (୧୯୫୮), କୋଠାରୀ କମିଶନ (୧୯୬୪-୬୬), ଜାତୀୟ ଶିକ୍ଷାନୀତି (୧୯୮୬), ଯଶପାଲ୍ କମିଟି (୧୯୯୨), ଜାତୀୟ ପାଠ୍ୟକ୍ରମ ରୂପରେଖ (୨୦୦୫) ଆଧାରରେ ଶିକ୍ଷାବ୍ୟବସ୍ଥାରେ ସଂସ୍କାର ଆଣିଛି । ସେହିଭଳି ପରମ୍ପରା ସହ ପ୍ରଗତିର ମହମିଳନ ଉଦ୍ଦେଶ୍ୟରେ ଭାରତ ସରକାର ୨୦୨୦ ମସିହାରେ ପୁରୋଦୃଷ୍ଟି ଓ ଭୂୟୋଦର୍ଶନ ସମ୍ପୂର୍ଣ୍ଣ ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । ଏହା ମାଧ୍ୟମରେ ଆତ୍ମନିର୍ଭର ଭାରତ,ବିଶ୍ୱଗୁରୁ ଭାରତ ଏବଂ ଭୋକାଲ୍ ଫର ଲୋକାଲ୍ ପାଇଁ ସ୍ୱପ୍ନ ଦେଖୁଛି ଭାରତ । ଏହି ବ୍ୟବସ୍ଥାରେ ଶିକ୍ଷା ସାକ୍ଷରତା ଠାରୁ ଆରମ୍ଭ କରି ପାଠ୍ୟକ୍ରମରେ ସିଦ୍ଧି,କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ବା ଜୀବିକା ନିର୍ବାହ ନିମନ୍ତେ କୌଣସି ଏକ ମାର୍ଗର ତାଲିମପ୍ରାପ୍ତ ଭାବେ ଦେଖିବାକୁ ମିଳୁଛି ଯାହାକି ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ନୁହେଁ ।

ଆମେ ବର୍ଷ ବର୍ଷ ଧରି ଶିକ୍ଷାର ପଛରେ ଧାଇଁବା କାହିଁକି ? କଣ କେବଳ ଉପାଧି ଲାଭ ନିମନ୍ତେ, ଯାହା ଚାକିରି ଦେବ ନ ମୋଟା ଅଙ୍କର ବେତନ ଯୋଗାଇବ ? କି ଶିକ୍ଷାର ଆଉ କିଛି ଲକ୍ଷ୍ୟ ଅଛି ? କୌଣସି ଉଚ୍ଚପଦରେ ଅଧିଷ୍ଠିତ ହେଲେ କଣ ଶିକ୍ଷାର ଉପଯୁକ୍ତ ମୂଲ୍ୟ ମିଳିପାରିବ ? ଆଧୁନିକତାର ସ୍ପର୍ଶରେ ସହରାଭିମୁଖୀ ହେବା ପ୍ରତିଯୋଗିତା ମୂଳକ ମନୋଭାବ ନେଇ ଚାକିରି ଅନ୍ୱେଷଣ କରିବା, ନିଯୁକ୍ତି ନମିଳିଲେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବା ଆଦି ଧାରଣା ଏବେ ବି ଆମ ମନରେ ବାସା ବାନ୍ଧିଛି । ଏଭଳି ଭ୍ରମାତ୍ମକ ଧାରଣାରୁ କେବେ ମୁକ୍ତି ପାଇବା ଆମେ ? ଏହା ଭାଗ୍ୟର ବିଡମ୍ବନା ନୁହେଁ ତ ଆଉ କଣ ? ଶିକ୍ଷାର ମାନେ ନୁହେଁ ଯେ କେବଳ ଚାକିରି କରିବା । ଚାକିରି ବା ନିଯୁକ୍ତି ପଛରେ ଦୌଡ଼ିବା ଅପେକ୍ଷା ଅର୍ଜନ କରିଥିବା ଜ୍ଞାନକୁ ଉନ୍ନତ ସମାଜ ଗଠନରେ ବିନିଯୋଗ କରିବା ଶ୍ରେୟସ୍କର ହେବ । ଆଜିର ଶିକ୍ଷା ଆମକୁ ମୁକ୍ତ କରିବା ପରିବର୍ତ୍ତେ ବନ୍ଧନ ଆଡ଼କୁ ଠେଲି ଦେଇଛି । ଜ୍ଞାନ ସମୃଦ୍ଧ ପ୍ରାଚୀନ ଭାରତରେ ସାକ୍ଷରତା ବିନା ବି ବିଦ୍ୟା ଲାଭ କରାଯାଉଥିଲା କିନ୍ତୁ ଆଜିର ସମୟରେ ଆମେ ବିଦ୍ୟା ଲାଭକରି ଶିକ୍ଷିତ କିନ୍ତୁ ଆମେ ଯେ ଜ୍ଞାନୀ ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ନୁହେଁ । କାହିଁକିନା ଆମର ବିଦ୍ୟା କେବଳ ନିଯୁକ୍ତି ସର୍ବସ୍ୱ ହୋଇପଡିଛି। ତେଣୁ ଯେଉଁ ପର୍ଯ୍ୟନ୍ତ ଶିକ୍ଷାର ଉଦ୍ଦେଶ୍ୟ ଚାକିରି ହୋଇଥିବା ସେ ପର୍ଯ୍ୟନ୍ତ ଚାକର ସୃଷ୍ଟି ହେଉଥିବେ କିନ୍ତୁ ମାଲିକ ନୁହେଁ । ନିଯୁକ୍ତି ପାଇବା ଆଶାରେ ଶିକ୍ଷାଲାଭ କରିବା ଭଳି ହୀନ ମାନସିକତାର ପରିବର୍ତ୍ତନ ନହେଲେ ସା ବିଦ୍ୟା ଯା ବିମୁକ୍ତୟେ ନହୋଇ ସ ବିଦ୍ୟା ଯା ନିଯୁକ୍ତୟେ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ଡ. ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

# ପିତୃଦେବ ଭବ

**ସନ୍ତାନ ଲାଭ ଠାରୁ ଆରମ୍ଭ କରି ବଡ଼ ହେବା ପର୍ଯ୍ୟନ୍ତ ନିଜର ତନ, ମନ ଓ ଧନକୁ ଜଳାଞ୍ଜଳି ଦେଇ ତା'ର ବିକାଶ ପାଇଁ ଅନେକ ବାପା ମା' ମାନେ ଅହରହ ଉଦ୍ୟମ କରିଥାଆନ୍ତି କିନ୍ତୁ ପରିଣତ ବୟସରେ ପିଲା ମାନଙ୍କର ଠାରୁ ଅଖଣ୍ଡ ଶ୍ରଦ୍ଧା, ସମ୍ମାନ ଓ ଆଶ୍ୱାସନା ମିଳିବା ଜାଗାରେ ଯଦି ସେମାନଙ୍କ ଦୁଇ ଓଳି ଦୁଇମୁଠା ଖାଇବାକୁ ଦିଆ ନଯାଏ ଏବଂ ଉଭୟ ଶାରୀରିକ ଓ ମାନସିକ ଭାବେ ଅତ୍ୟାଚାର କରାଯାଏ ତାହେଲେ ପରିବାରର ସଂଜ୍ଞାକୁ କେବଳ ଆମେ ପୋଥି ଭିତରେ ଖୋଜି ହେବା ସାର ହେବ ।**

ତୈତ୍ତିରିୟ ଉପନିଷଦରେ ଲେଖାଅଛି "ପିତୃଦେବ ଭବ, ମାତୃଦେବ ଭବ, ଅତିଥିଦେବ ଭବ" । ଅର୍ଥାତ୍ ପିତା, ମାତା ଏବଂ ଅତିଥି ଅଭ୍ୟାଗତ ମାନଙ୍କୁ ଆମେ ଦେବତୁଲ୍ୟ ମନେକରି ସେମାନଙ୍କୁ ଉପଯୁକ୍ତ ଶ୍ରଦ୍ଧା ଓ ସମ୍ମାନ କରିବା ଉଚିତ୍ । ସମାଜରେ ପିତାମାତାଙ୍କୁ କେବଳ ସନ୍ତାନ ଜନ୍ମ କରିବା ପାଇଁ ସମ୍ମାନ କରାଯାଏ ନାହିଁ ବରଂ ଜନ୍ମଠାରୁ ବଡ଼ ହେବା ପର୍ଯ୍ୟନ୍ତ ସନ୍ତାନର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ରକ୍ଷା କରିବା ସହିତ ସମାଜରେ ସେମାନଙ୍କର ଏକ ପରିଚୟ ସୃଷ୍ଟି କରିବାର ଅବଦାନକୁ ସ୍ୱୀକାର କରାଯାଇଥାଏ । ଏଠାରେ ପ୍ରଶ୍ନ ଉଠେ ତାହେଲେ ଗରୀବ ଏବଂ ଅଶିକ୍ଷିତ ଦମ୍ପତିମାନେ କ'ଣ ନିଜ ବାପା ଓ ମା'ର ଶ୍ରଦ୍ଧା ସମ୍ମାନ ପାଇଁ କ'ଣ ଅନୁପଯୁକ୍ତ ? ପିତାମାତାଙ୍କ ଶ୍ରଦ୍ଧା ତଥା ଉପଯୁକ୍ତ ଶାସନ ଫଳରେ ସନ୍ତାନମାନେ ଜୀଇଁବା ଶିଖନ୍ତି । ସଭ୍ୟ ସମାଜରେ ବ୍ୟକ୍ତିତ୍ୱ ଗଠନକୁ କେବଳ ପୋଥିଗତ ବିଦ୍ୟା କିମ୍ବା ରୋଜଗାର ମଧ୍ୟରେ ସୀମିତ ରଖାଯାଏ ନାହିଁ । ସମୟର ପରିବର୍ତ୍ତନ କ୍ରମେ କେଉଁଠି ପିଲାମାନେ ବାପା ମା'ଙ୍କ ଠାରୁ ଅଧିକ/କମ ରୋଜଗାର କରି ପାରନ୍ତି କିମ୍ବା ପାଠ ପଢ଼ି ପାରନ୍ତି କିନ୍ତୁ ମାନବିକତା ବା ସାମାଜିକତାର ସଂଜ୍ଞା ଏହି ସଂକୀର୍ଣ୍ଣତା ମଧ୍ୟରେ ସୀମିତ ରହେ ନାହିଁ । ନିକଟରେ ଏକ ପରିତ୍ୟକ୍ତ ଜାଗାରୁ ଏକ କନ୍ୟା ସନ୍ତାନକୁ ଉଦ୍ଧାର କରାଗଲା । ଯାହା ପାଇଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇ ପଡ଼ିଲେ । ସେଠାରେ ଏହି ନିରିହ ଶିଶୁଟି ପାଇଁ ତାର ପିତା ଓ ମାତା କ'ଣ ଦେବତା ତୁଲ୍ୟ ? ଅନ୍ୟପକ୍ଷରେ ସନ୍ତାନ ଲାଭ ଠାରୁ ଆରମ୍ଭ କରି ବଡ଼ ହେବା ପର୍ଯ୍ୟନ୍ତ ନିଜର ତନ, ମନ ଓ ଧନକୁ ଜଳାଞ୍ଜଳି ଦେଇ ତା'ର ବିକାଶ ପାଇଁ ଅନେକ ବାପା ମା' ମାନେ ଅହରହ ଉଦ୍ୟମ କରିଥାଆନ୍ତି କିନ୍ତୁ ପରିଣତ ବୟସରେ ପିଲା ମାନଙ୍କର ଠାରୁ ଅଖଣ୍ଡ ଶ୍ରଦ୍ଧା, ସମ୍ମାନ ଓ ଆଶ୍ୱାସନା ମିଳିବା ଜାଗାରେ ଯଦି ସେମାନଙ୍କ ଦୁଇ ଓଳି ଦୁଇମୁଠା ଖାଇବାକୁ ଦିଆ ନଯାଏ ଏବଂ ଉଭୟ ଶାରୀରିକ ଓ ମାନସିକ ଭାବେ ଅତ୍ୟାଚାର କରାଯାଏ ତାହେଲେ ପରିବାରର ସଂଜ୍ଞାକୁ କେବଳ ଆମେ ପୋଥି ଭିତରେ ଖୋଜି ହେବା ସାର ହେବ । ସେହିଭଳି ଭାବେ ପୂର୍ବରୁ ଯେତେବେଳେ କୌଣସି ଯୋଗାଯୋଗ ମାଧ୍ୟମର ସୁବିଧା ନଥିଲା ସେତେବେଳେ କୌଣସି ପୂର୍ବ ସୂଚନା ନଥାଇ ଘରେ ଅତିଥିମାନେ ପହଞ୍ଚୁଥିଲେ ଯେଉଁମାନଙ୍କର ଘରେ ପହଞ୍ଚିବାର କୌଣସି ନିର୍ଦ୍ଦିଷ୍ଟ ତିଥିବାର ନଥିଲା । ସମୟର ପରିବର୍ତ୍ତନ ସହିତ ଯୋଗାଯୋଗର ମାଧ୍ୟମ ସରଳ, ତରଳ ଓ କ୍ଷୀପ୍ର ହୋଇ ଯାଇଛି ଏବଂ ଅତିଥି ମାନଙ୍କର ସଂଜ୍ଞା ବଦଳି ଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବ ସୂଚନା ଅନୁଯାୟୀ ଘରେ ପହଞ୍ଚି ଥାଆନ୍ତି । ସେମାନଙ୍କ ମଧ୍ୟରୁ କିଛି ଅତିଥିଙ୍କର ଅସାମାଜିକ କାର୍ଯ୍ୟ ଯୋଗୁଁ ଆଉ ସେମାନଙ୍କୁ ଦେବତାର ଆସନ ନଦେଇ ସେମାନଙ୍କୁ ଆମେମାନେ ସନ୍ଦେହ ଚକ୍ଷୁରେ ଦେଖିଲେଣି ।

ତେଣୁ ପିତା, ମାତା ଏବଂ ଅତିଥିଙ୍କୁ ଦେବତା ତୁଲ୍ୟ ମନେକରି ସେମାନଙ୍କୁ ଶ୍ରଦ୍ଧା ଏବଂ ସମ୍ମାନ କରିବା ପାଇଁ ଯେଉଁ ଉପଦେଶ ମାନ ରହିଛି ତାହାର ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି । ଏହି ମାନଦଣ୍ଡ କେବଳ ଧନ, ଜନ, ମାନ ସମ୍ମାନ ମଧ୍ୟରେ ସିମୀତ ନୁହେଁ ବରଂ ଜଣଙ୍କର ପରିବାର ତଥା ସମାଜ ପ୍ରତି ଥିବା ପ୍ରତିବଦ୍ଧତା / ସମ୍ବେଦନଶୀଳତାକୁ ସୂଚାଇଥାଏ । ଅନ୍ୟ ପକ୍ଷରେ କୌଣସି କାରଣରୁ ଯଦି ଏମାନଙ୍କ ମଧ୍ୟରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଜଣେ ସଚେତନ କର୍ତ୍ତବ୍ୟନିଷ୍ଠ ନାଗରିକ ହିସାବରେ ସେମାନଙ୍କୁ ସଜାଡ଼ିବାର ଦାୟିତ୍ୱ ରହିଛି । ସେମାନଙ୍କର ଭୁଲ ଆଚରଣ ପାଇଁ ସେମାନଙ୍କ ପ୍ରତି ହିଂସା ଆଚରଣ କରି ଶାରୀରିକ କିମ୍ବା ମାନସିକ କ୍ଷତି ପହଞ୍ଚାଇବା ପୂର୍ବରୁ ଆମମାନଙ୍କୁ ଆତ୍ମ ସମୀକ୍ଷା କରିବାର ଅଛି ସତରେ ଆମେ କ'ଣ ପ୍ରକୃତପକ୍ଷେ ପିତା / ମାତା / ଅତିଥି/ ସନ୍ତାନ/ଆଗନ୍ତୁକ ସର୍ବୋପରି ଜଣେ ସଫଳ ନାଗରିକ ଭାବେ ନିଜକୁ ସଠିକଭାବେ ଗଢ଼ିବାରେ ସଫଳ ହୋଇଛୁ ?

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**



# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## କଠିନ ପରିଶ୍ରମର ...

ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ସହିତ ସେମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ମଧ୍ୟ ଏହା ସହାୟକ ହେବ। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ । ଏହା ଦ୍ୱାରା ପାଠପଢାରେ ମଧ୍ୟ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଚ୍ଚାକାଂକ୍ଷୀ ସ୍ୱପ୍ନ ଅନ୍ତର୍ଗତ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୧୩୬ ଗୋଟି କଲେଜରେ ୫-ଟି ଅଧୀନରେ ୬୦ କୋଟି ଟଙ୍କା ବ୍ୟୟରେ ରୂପାନ୍ତରୀକରଣ ପ୍ରକ୍ରିୟା ଜାରି ରହିଛି। ଏହା ଖୁବ ଶୀଘ୍ର ସମାପ୍ତ ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ବାଲେଶ୍ୱରର ଯୁବପିଢ଼ି ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଭୋଗ କରି ନୂତନ ପିଢ଼ି ସହ ସମକକ୍ଷ ହୋଇ ବିଶ୍ୱ ଦରବାରରେ ରାଷ୍ଟ୍ରର ମାନ ଓ ସମ୍ମାନ ବଢ଼ାଇବେ ବୋଲି ଆଶା ରଖିଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ।

ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶ ଉପରେ ସହ-ପାଠ୍ୟକ୍ରମର ପରିବର୍ତ୍ତନଶୀଳ ପ୍ରଭାବକୁ ସ୍ୱୀକୃତି ଦେଇ ଶ୍ରୀ ପାଣ୍ଡିଆନ ମତ ପ୍ରକାଶ କରିଥିଲେ ଯେ, ସେମାନଙ୍କର ଦକ୍ଷତା ବୃଦ୍ଧି, ସୃଜନଶୀଳତା ବୃଦ୍ଧି ଏବଂ ଅତ୍ୟାବଶ୍ୟକ ଜୀବନ ଗୁଣ ଗଠନ ପାଇଁ ସହ-ପାଠ୍ୟକ୍ରମ ସୁଯୋଗ ପ୍ରଦାନ କରିଥାଏ। ସହ-ପାଠ୍ୟକ୍ରମରେ ନିୟୋଜିତ ହେବା ଛାତ୍ରମାନଙ୍କୁ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ କ୍ଷେତ୍ରରେ ସଫଳତା ପାଇଁ ଅତ୍ୟାବଶ୍ୟକ ଯୋଗାଯୋଗ, ଦଳଗତ କାର୍ଯ୍ୟ ଏବଂ ନେତୃତ୍ୱ ଭଳି କୌଶଳ ବୃଦ୍ଧି କରିବାରେ ସକ୍ଷମ କରେ । ଏହି କାର୍ଯ୍ୟକଳାପଗୁଡ଼ିକ ଏକାଡେମିକ ଏବଂ ବାସ୍ତବ ଦୁନିଆ ପରିସ୍ଥିତି ମଧ୍ୟରେ ବ୍ୟବଧାନକୁ ଦୂର କରି ତତ୍ତ୍ୱଗତ ଜ୍ଞାନର ବ୍ୟବହାରିକ ପ୍ରୟୋଗ ପାଇଁ ଲାଭଦାୟକ ହୁଏ । ଏଥି ସହିତ ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଶାରିରୀକ ତଥା ମାନସିକ ସୁସ୍ଥତା ଓ ଆବଶ୍ୟକତାର ଗୁରୁତ୍ୱ ଉପରେ ସୁଚାରୁ ରୂପେ ବୁଝାଇ ଥିଲେ। ପରିଶେଷରେ ଶ୍ରୀ ପାଣ୍ଡିଆନ କଠିନ ପରିଶ୍ରମ ଓ ନିଷ୍ଠାକୁ ନିଜ ଜୀବନର ମୂଳମନ୍ତ୍ର ବନେଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଥିଲେ।

ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଅନେକ ସୁନାମଧନ୍ୟ ନୃତ୍ୟ ଦଳ ପ୍ରମୁଖ ନିଜ କଳାର ପ୍ରଦର୍ଶନ କରି ଉଚ୍ଚ ପ୍ରସଂଶିତ ହୋଇଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଭରପୁର ଉପଭୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜିଲ୍ଲାସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବରେ ଏହାର ତଦାରଖ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜର ଯୋଗଦାନ କରି ଏହାକୁ ସଫଳ କରାଇଥିଲେ।

## ଦଶପଲ୍ଲାକୁ ଟ୍ରେନ୍ ...

ଏବଂ ୦୮୫୫୫/୦୮୫୫୬ଭଦ୍ରକ-ନୟାଗଡ଼ଟାଉନ୍-ଭଦ୍ରକ ମେମୁ ସେବା ଦଶପଲ୍ଲାକୁ ବୃଦ୍ଧିକରାଯାଇଛି।

ଦଶପଲ୍ଲା ଗସ୍ତ ସମୟରେ ଅଶ୍ୱିନୀବୈଷ୍ଣବଙ୍କୁ ସାନପଦର ଠାରେ ବହୁସଂଖ୍ୟାରେ ଲୋକେ ସ୍ୱାଗତ କରିବା ସହ ଯାତ୍ରୀ ହଲ୍ଟ ମଞ୍ଜୁର କରିଥିବାରୁ ଧନ୍ୟବାଦ ଜଣାଇଥିଲେ । ନୟାଗଡ଼ ଟାଉନ୍ ଓ ମହିପୁର ଷ୍ଟେସନରେ ପ୍ରାୟ ୫୦୦ଲୋକ ଏକତ୍ରିତ ହୋଇ ରେଳମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହଦୀର୍ଘ ଦିନଧରି ଚାଲିଆସୁଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଥିବାରୁ ଧନ୍ୟବାଦ ଜଣାଇଥିଲେ।

ଏହିଗସ୍ତ ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ କନ୍ଧମାଳ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଫୁଲବାଣୀକୁ ରେଳ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୋପାଳପୁର-ରେଢ଼ାଖୋଲ ନୂଆରେଳ ଲାଇନର ସମୀକ୍ଷା କରାଯିବ କଣ୍ଟିଲୋ ଓ ଖଣ୍ଡପଡ଼ାକୁ ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପ ସହ ସଂଯୋଗ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି।

ଦଶପଲ୍ଲା ଗସ୍ତ କରିବା ପୂର୍ବରୁ ରେଳମନ୍ତ୍ରୀ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନ କରିଚାଲିଥିବା ଷ୍ଟେସନର ପୁନଃନିର୍ମାଣ କାର୍ଯ୍ୟର ସମୀକ୍ଷାକରିବା ସହନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭାରତର ସୂର୍ଯ୍ୟ ମିଶନ...

କୌଣସି ଗ୍ରହଣ/ପରାଗ ବିହୀନ ଓ ନିରବଚ୍ଛିନ୍ନ ଭାବେ ସୂର୍ଯ୍ୟଙ୍କୁ ଦେଖିପାରିବ। ଏହାଦ୍ୱାରା ସୂର୍ଯ୍ୟଙ୍କ ସମ୍ପର୍କରେ ବିନାପ୍ରତିବନ୍ଧକରେ ଅନେକ ତଥ୍ୟ ସଂଗ୍ରହ କରାଯାଇପାରିବ।

ଲ୍ୟାଗ୍ରେଞ୍ଜ ପଏଣ୍ଟ-୧ ହେଉଛି, ମହାକାଶରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଥିବା ଏକ ସ୍ଥାନ। ଏହା ପୃଥିବୀ ଠାରୁ ସୂର୍ଯ୍ୟ ପଟକୁ ୧.୫ ନିୟୁତ କିଲୋମିଟର ଦୂରରେ ଅବସ୍ଥିତ। ଏହି ସ୍ଥାନରୁ ସୂର୍ଯ୍ୟ ଆଦିତ୍ୟ ଉପଗ୍ରହକୁ ନିୟମିତ ଦୃଶ୍ୟମାନ ହେବେ। ବର୍ତ୍ତମାନ ଏହି ସ୍ଥାନରେ ସୋଲାର ଆଣ୍ଡ ହେଲିଓସ୍ଫେରିକ ଅବେଜର୍ଭେଟରି ସାଟେଲାଇଟ (ସୋହୋ), ଡବ୍ଲୁଏମ୍ଏପି ମହାକାଶ ଯାନ ଅବସ୍ଥାପିତ ହୋଇଛି।

## ବାଂଲାଦେଶ-ବେନାପୋଲ ...

ବେଳେ ଟ୍ରେନର ୫ଟି ବଗିକୁ ଏହା ବ୍ୟାପି ଯାଇଥିଲା। ମୃତ ୪ ଜଣଙ୍କର ପରିଚୟ ଏବେ ପର୍ଯ୍ୟନ୍ତ ମିଳିପାରି ନାହିଁ । ନିଆଁ ଲିଭା କାର୍ଯ୍ୟରେ ୭ଟି ଦମକଳ ଲାଗିଥିଲା। ଅଗ୍ନିଶମ ସେବା ତଥା ନାଗରିକ ପ୍ରତିରକ୍ଷା ମୁଖପାତ୍ର ଘଟଣାସ୍ଥଳରେ ଗଣମାଧ୍ୟମକୁ କହିଛନ୍ତି ଯେ ଏପର୍ଯ୍ୟନ୍ତ ଆମେ ଚାରିଟି ମୃତଦେହ ଉଦ୍ଧାର କରିଛୁ। ଅନ୍ୟମାନଙ୍କୁ ଖୋଜା ଚାଲିଛି ରେଳ ଅଧିକାରୀ କହିଛନ୍ତି ଯେ ଏହି ଟ୍ରେନରେ ପ୍ରାୟ ୨୯୨ ଯାତ୍ରୀ ଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତରୁ ଘରକୁ ଫେରୁଥିଲେ ଟ୍ରେନଟି ଗୋପିବାଗ ଅଞ୍ଚଳରେ ପହଞ୍ଚିବା ମାତ୍ରେ ନିଆଁ ଲାଗିଯାଇଥିଲା।

ଯୋଜନା ଅନୁଯାୟୀ ଏହି ଆକ୍ରମଣ କରାଯାଇଥିଲା।

ଏହି ଘଟଣା ପରେ ଢାକା ମହାନଗର ନିଗମ ପୋଲିସ (ଡିଏମପି) ଅତିରିକ୍ତ କମିଶନର (କ୍ରାଇମ ଆଣ୍ଡ ଅପରେସନ୍) ମହୀଦ ଉଦ୍ଦିନ ଅଭିଯୋଗ କରିଛନ୍ତି ଯେ ବେନାପୋଲ ଏକ୍ସପ୍ରେସ ଟ୍ରେନରେ ନିଆଁ ଏକ ଯୋଜନା ବଦ୍ଧ ଆକ୍ରମଣ। ସେ କହିଛନ୍ତି ଯେ କିଏ ଏହି ଅଗ୍ନିକାଣ୍ଡ ଘଟାଇଛି ଆମେ ନିଶ୍ଚିତ କହି ପାରିବୁ ନାହିଁ, କିନ୍ତୁ ଏହା ନିଶ୍ଚିତ ଭାବେ ସାବ୍ୟସ୍ତ ହୋଇଛି । ତେବେ ଏହି ଘଟଣାରେ ଦୋଷୀଙ୍କୁ ଚିହ୍ନଟ କରାଯାଇ ନିଶ୍ଚିତ କଠୋର ଦଣ୍ଡ ଦିଆଯିବ ବୋଲି ସେ କହିଛନ୍ତି । ସାଧାରଣ ଜନତା, ଛୋଟ ପିଲା ଓ ମହିଳାଙ୍କ ପ୍ରତି ଏଭଳି ବ୍ୟବହାର ଅମାନବିକତା ବୋଲି ସେ କହିଛନ୍ତି।

## ଆଇଟି ରୂପାନ୍ତରଣରେ...

ଇଣ୍ଟରନେଟ ଦେୟ ବହୁଗୁଣା ବଢ଼ି ଯାଇଥିବା ବେଳେ ସେଥିରେ ବିଶ୍ୱନୀୟତାକୁ ନେଇ ପ୍ରଶ୍ନବାଚୀ ରହିଛି। ଇଣ୍ଟରନେଟ ଜରିଆରେ ତଥ୍ୟ ଚୋରି, ବିଭ୍ରାନ୍ତିକର ସୂଚନା ପ୍ରଦାନ ଭଳି ଗୁରୁତର ଅଭିଯୋଗ ସମଗ୍ର ବିଶ୍ୱରୁ ଆସୁଛି। ଏପରିସ୍ଥଳେ ରାଜ୍ୟ ସରକାର ନିଜସ୍ୱ ଇଣ୍ଟରନେଟ ସେବା ଓଡ଼ିଶାନେଟ ପାଇଁ ଗତ ବର୍ଷରୁ ପ୍ରୟାସ ଆରମ୍ଭ କରିଥିଲେ। ଏଥିପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ (ଓପିଟିସିଏଲ)ର ଅପଟିକାଲ ଗ୍ରାଉଣ୍ଡ ୱାୟର ଜରିଆରେ ଓଡ଼ିଶାନେଟ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି।

ଜି-ଟୁ-ଜି ସେବା ଜରିଆରେ ରାଜ୍ୟ ମୁଖ୍ୟାଳୟକୁ ଜିଲ୍ଲା ଏବଂ ପଞ୍ଚାୟତକୁ ଯୋଡ଼ିବା ପାଇଁ ଲକ୍ଷ୍ୟ ରହିଛି । ଓପିଟିସିଏଲର ଅପଟିକ ଫାଇଭର କମ୍ୟୁନିକେସନ ଜରିଆରେ ବିଭିନ୍ନ ସରକାରୀ ଓ ଘରୋଇ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଟରନେଟ ଯୋଗାଇ ଦେଉଛନ୍ତି। ଭୂତଳ କେବୁଲ ଜରିଆରେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ପରେ ଅନ୍ୟ କାର୍ଯ୍ୟାଳୟ ଓ ସରକାରୀ ଅନୁଷ୍ଠାନକୁ ସାମିଲ କରାଯିବ।

ରାଜ୍ୟର ପ୍ରତ୍ୟେକ ପଞ୍ଚାୟତକୁ ରାଜ୍ୟ ଲୋକସେବା ଭବନ ସହ ଯୋଡ଼ିବା ପାଇଁ ରାଜ୍ୟ ଆଇଟି ବିଭାଗ ମହ□ାକାଂକ୍ଷୀ ଯୋଜନା ପ୍ରସ୍ତୁତ କରିଛି। ପଞ୍ଚାୟତ କାର୍ଯ୍ୟାଳୟରେ ବସିଥିବା ଜନପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ସାଧାରଣ ଜନତା ସିଧାସଳଖ ଲୋକସେବା ଭବନରେ ବସିଥିବା ସଚିବଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିପାରିବେ।

## ଅପରାଧୀଙ୍କ ଚରିତ୍ରଗତ...

ବେଞ୍ଚ କହିଛନ୍ତି, ଏହା ପରେ ନାଗରିକଙ୍କୁ ଦୁଇ ସପ୍ତାହ ମଧ୍ୟରେ ନୋଟିସ ଦିଆଯାଇପାରିବ। ନାଗରିକଙ୍କୁ ତାଙ୍କ ଉତ୍ତର ଦାଖଲ କରିବାକୁ ଦୁଇ ସପ୍ତାହ ସମୟ ଦିଆଯାଇପାରେ। ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ଶୁଣାଣି ପାଇଁ ଏକ ଛୋଟ ତାରିଖ ସ୍ଥିର କରାଯାଇପାରେ ଏବଂ ତାପରେ ୧୦ ଏପ୍ରିଲ ୨୦୨୩ ତାରିଖର ସରକାରୀ ଆଦେଶର ଧାରା -୪ ଅନୁଯାୟୀ ଉପଯୁକ୍ତ ଆଦେଶ ପାରିତ ହୋଇପାରେ।

ଅଧିକ ଯୋଗାଯୋଗ ପାଇଁ ଉତ୍ତର ପ୍ରଦେଶର ଅତିରିକ୍ତ ମୁଖ୍ୟ ସରକାରୀ ପରାମର୍ଶଦାତାଙ୍କୁ ଏହାର ଆଦେଶର ଏକ ନକଲ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କପିଲ ଦେବ ଯାଦବଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ ପିଟିଶନ ଉପରେ କୋର୍ଟ ଏଭଳି ରାୟ ପ୍ରଦାନ କରିଛନ୍ତି।

## ୧୨୫ ବର୍ଷ ...

ସେ ତାଙ୍କ ସିପାହୀଙ୍କ ସହିତ ମିଶି ଗଛକୁ ଗିରଫ ପାଇଁ ଆଦେଶ ଦେଇଥିଲେ। ସିପାହୀମାନେ ଅଧିକାରୀଙ୍କ ଏହା ଏକ ପାଗଳାମୀ ବୋଲି ଜାଣୁଥିଲେ। କିନ୍ତୁ ମୁହଁ ଖୋଲି କିଛି କହି ପାରୁ ନଥିଲେ। ତେଣୁ ବାଧ୍ୟ ହୋଇ ସିପାହୀମାନେ ଅଧିକାରୀଙ୍କ ଭୟରେ ଗଛକୁ ଗିରଫ କରି ଚାରିପଟୁ ଝଞ୍ଜିରରେ ବାନ୍ଧି ଦେଇଥିଲେ। ସେବେ ଠାରୁ ଆଜି ପର୍ଯ୍ୟନ୍ତ ଏ ଗଛ ଗିରଫ ହୋଇ ରହିଛି।

### ହାଇଟେକ୍ ହସ୍ପିଟାଲ ଏସି ବିସ୍ଫୋରଣ ଘଟଣାରେ ଆଉ ଜଣଙ୍କ ମୃତ୍ୟୁ

# ପରିଚୟକୁ ନେଇ ଦ୍ୱନ୍ଦ୍ୱ ଥିବାରୁ କରାଯିବ ଡିଏନଏ ଟେଷ୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହାଇଟେକ୍ ହସ୍ପିଟାଲ ଏସି ବିସ୍ଫୋରଣ ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦିଲ୍ଲୀପ ସାମନ୍ତରାୟ। ଗୁରୁତର ଥିବା ଦିଲୀପ ସାମନ୍ତରାୟ ଗତକାଲି ବିଳମ୍ବିତ ରାତିରେ ଆଖି ବୁଜିଛନ୍ତି। ଅନ୍ୟପକ୍ଷରେ ମୃତ ଜ୍ୟୋତି ରଞ୍ଜନ ମଲ୍ଲିକ ଓ ଦିଲୀପ ସମାନ୍ତରାୟଙ୍କ ପରିଚୟକୁ ନେଇ ଦେଖା ଦେଇଥିବା ଦ୍ୱନ୍ଦ୍ୱ ଦୂର ପାଇଁ ଡିଏନଏ ଟେଷ୍ଟ ହେବ । ଉଭୟ ପରିବାର ମଧ୍ୟରେ ମୃତଦେହକୁ ନେଇ ବିବାଦ ଉପୁଜିଲେ ଡିଏନଏ ଟେଷ୍ଟ ନିହାତି ହେବ ବୋଲି କହିଛନ୍ତି କମିଶନରେଟ ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିପରି ଏହି ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତେଜନାମୂଳକ ପରିସ୍ଥିତି ଦେଖାଦେଇଛି।

ହାଇଟେକ୍ ମେଡିକାଲ କଲେଜରେ ଗତ ୨୯ ତାରିଖରେ ଘଟିଥିବା ଏସି ଗ୍ୟାସ ବିସ୍ଫୋରଣରେ ୪ ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗତ ୩୦ ତାରିଖରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ମୃତଦେହ ଦିଲୀପ ସାମନ୍ତରାୟଙ୍କର ବୋଲି କହି ମେଡିକାଲ କର୍ତ୍ତୃପକ୍ଷ ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। ବ୍ୟବଚ୍ଛେଦ ପରେ ପୁଲିସ୍ ମୃତଦେହକୁ ଦିଲୀପଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ପରିବାରବର୍ଗ ୩୦ ତାରିଖରେ ଦିଲୀପଙ୍କ ମୃତଦେହ ସତ୍କାର କରିଥିବା ବେଳେ ନୂଆ ବର୍ଷ ଦିନ ତାଙ୍କ ପତ୍ନୀ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

ଏହାପରେ ହାଇଟେକ୍ ମେଡିକାଲରେ ଭେଂଟିଲେଟରରେ ଥିବା ଜଣେ ଯୁବକଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଜ୍ୟୋତି ମଲ୍ଲିକ ବୋଲି କହୁଥିବା ବେଳେ ସେ ଗତ ଗୁରୁବାର ରାତିରେ ଭେଂଟିଲେଟରରୁ ବାହାରିଥିଲେ। ଏହାପରେ ସେ ନିଜ ପରିଚୟ ଦିଲୀପ ବୋଲି ଦେଇଥିବା ବେଳେ ଆରମ୍ଭ ହୋଇଥିଲା ଦ୍ୱନ୍ଦ୍ୱ। ପୁଅକୁ ଦେଖିବାକୁ ଦିଲୀପଙ୍କ ପରିବାର ଲୋକେ ଧାଇଁ ଆସିଥିବା ବେଳେ ଗତ ରାତିରେ କିନ୍ତୁ ତାଙ୍କ ମୃତ୍ୟୁ ଘଟିଛି।

ଏବେ ମୃତଦେହ କିଏ ନେବ ତାକୁ ନେଇ ଦ୍ୱନ୍ଦଦେଖାଦେଇଥିବା ବେଳେ ଘଟଣାର ସମାଧାନ ପାଇଁ ମେଡିକାଲ ପରିସରରେ ବରିଷ୍ଠ ପୁଲିସ୍ ଅଧିକାରୀ ପହଂଚିଛନ୍ତି। ଏନେଇ ତାଙ୍କୁ ପଚରାଯିବାରୁ, ଏହା ଏକ ଖୁବ୍ ଜଟିଳ ବିଷୟ ବୋଲି କହିଛନ୍ତି। ଏଥିସହ ଘଟଣାର ସମାଧାନ ପାଇଁ ଉଭୟଙ୍କ ପରିବାରବର୍ଗଙ୍କୁ ଡକାଯାଇଛି। ଉଭୟ ପରିବାରଙ୍କ ମଧ୍ୟରେ ସହମତି ହୋଇ ନ ପାରିଲେ ନିଶ୍ଚିତ ଭାବେ ଏହି ମୃତଦେହର ଡିଏନଏ ଟେଷ୍ଟ ହେବ। ଏଥିସହ ପୂର୍ବ ମୃତଦେହର ଭିସେରା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ଡିଏନଏ ଟେଷ୍ଟ କରାଯାଇ ପାରିବ ବୋଲି ସେ କହିଛନ୍ତି। ପରିଚୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ଯଥାସମ୍ଭବ ଆଇନଗତ ପଦକ୍ଷେପ ନେବୁ।

# ବିଦ୍ୟାଭାରତୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ରାଜଭବନ ଓ ବିଧାନସୌଧ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶନିବାର ବାଳକୃଷ୍ଣ ଚୌଧୁରୀ ମେମୋରିଆଲ୍ ସ୍କୁଲ୍ ବିଦ୍ୟାଭାରତୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମାମାନେ ଭୁବନେଶ୍ୱରର ରାଜଭବନ ଓ ବିଧାନସୌଧ ଶିକ୍ଷା ପରିଦର୍ଶନରେ ଆସିଥିଲେ। ବିଧାନସୌଧ ମଧ୍ୟରେ ଅବସ୍ଥିତ ଆସେମ୍ବ୍ଲି ହାଉସ୍, ଲାଇବେରୀ ପରିଦର୍ଶନ କରିବା ପରେ କନ୍‌ଫରେନ୍ସ ଗୃହ ମଧ୍ୟରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ, ସେକ୍ରେଟାରୀ ଦାସରଥି ଶତପଥୀ, ଜଏଣ୍ଟ ସେକ୍ରେଟାରୀ ସତୀଶ ମିଶ୍ର ଓ ପାଠାଗାରର ଜଏଣ୍ଟ ଡାଇରେକ୍ଟର ଆରତୀ ମିଶ୍ର ଉପସ୍ଥିତ ରହି ପିଲାମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ସେମାନଙ୍କ ସହ ଫଟୋ ଉତ୍ତୋଳନ କରିଥିଲେ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସର୍ବଶେଷ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜାନୁଆରୀ ୭ରୁ ୯ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଆୟୋଜିତ ହେବ ସାଗର ପରିକ୍ରମା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଜାନୁଆରି ୭ରୁ ୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା ଏକାଦଶ ପର୍ଯ୍ୟାୟ ସାଗର ପରିକ୍ରମା କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପରଷୋତ୍ତମ ରୂପାଲାଙ୍କ ସହ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଗତିଶୀଳ ମତ୍ସ୍ୟଜୀବୀ, ବିଶେଷକରି ଉପକୂଳ ମତ୍ସ୍ୟଜୀବୀ ଓ ମତ୍ସ୍ୟ ଚାଷୀ, ଯୁବ ମତ୍ସ୍ୟ ଉଦ୍ୟୋଗୀ ଆଦି କିଷାନ କ୍ରେଡିଟ୍ କାର୍ଡ (କେସିସି) ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବେ। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, କେସିସି ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ନିଆଯାଇଥିବା ସର୍ବୋତ୍ତମ ଅଭ୍ୟାସ ଓ ପଦକ୍ଷେପକୁ ମତ୍ସ୍ୟଜୀବୀଙ୍କ ନିକଟରେ ବ୍ୟାପକ ଭାବେ ପହଞ୍ଚାଯିବ।

ଏକାଦଶ ପର୍ଯ୍ୟାୟ ସାଗର ପରିକ୍ରମା ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହେବ । ଏହି ଅବସରରେ ଭାରତ ସରକାରଙ୍କ ମତ୍ସ୍ୟ ବିଭାଗ, ଓଡ଼ିଶା ସରକାରଙ୍କ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ, ଭାରତୀୟ ତଟରକ୍ଷୀ ବାହିନୀ, ମତ୍ସ୍ୟ ସର୍ବେକ୍ଷଣ ସଂସ୍ଥା, ମତ୍ସ୍ୟଜୀବୀ ସଂଘର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ।

ସାଗର ପରିକ୍ରମା ଯାତ୍ରାରେ ମତ୍ସ୍ୟଜୀବୀ, ମତ୍ସ୍ୟ ଚାଷୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଂଶୀଦାରଙ୍କ ସହ ସମୀକ୍ଷା ବୈଠକ ଏବଂ ଆଲୋଚନା କରାଯାଇଥାଏ ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
Mail i.d seccbbsr@gmail.com
B-1564

E-procurement Tender Call Notice No 25 of 2023-24

No 14 (Estg.) Bhubaneswar the 1st January-2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for two numbers road works and two number building works to be received in online bidding, double cover system for construction work as detailed in https://tendersodisha.gov.in. The details of bid documents will be available in the above website from 5.00 P.M of 08.01.2024 to 5.00 P.M of 22.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 24.01.2024 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in
Addendum / Corrigendum, if required, will be available only in the Website.

Sd/-Er.P.K.Mohanty
Chief Construction Engineer
Central (R&B) Circle, Bhubaneswar

OIPR : 34005/11/0009/2324

C-2291

GOVERNMENT OF ODISHA
OFFICE OF THE ENGINEER-IN-CHIEF, PUBLIC HEALTH
ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB) Dtd.01.01.2024

| Sl. No. | Name of Work | Bid Identi-fication No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|---|
| 1. | Improvement of Water Supply to Kendrapara Municipality including O&M for 5 Years under AMRUT 2.0 SWAP-II | EICPH-11/ 2023-24 | 1785.59 | 'A' Class & Special Class | 15 (Fifteen) Months | 11.00 Hrs. of 08.01.2024 | 17.00 Hrs. of 29.01.2024 |
| 2. | Improvement of Water Supply to Kesinga NAC including O&M for 5 Years under AMRUT 2.0 SWAP-II | EICPH-12/ 2023-24 | 1128.14 | 'A' Class & Special Class | 18 (Eighteen) Months | 11.00 Hrs. of 09.01.2024 | 17.00 Hrs. of 30.01.2024 |
| 3. | Improvement of Water Supply to Chandabali NAC with Migration of Surface Water Source including O&M for 5 Years under AMRUT 2.0 SWAP-II | EICPH-13/ 2023-24 | 2606.41 | Special Class &Super Class | 15 (Fifteen) Months | 11.00 Hrs. of 10.01.2024 | 17.00 Hrs. of 31.01.2024 |

Name & Address of Officer Inviting Bid: The Engineer-In-Chief (PH), Office of The Engineer-in-Chief, PH, 1st Floor, Unnati Bhawan, Satyanagar, Bhubaneswar, Odisha - 751007. Phone: #91-674-2575309, e-mail:eicphodisha@gmail.com

- Further details can be seen from the e-Procurement portal "https://www.tendersodisha.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR : 13254/11/0002/2324 ENGINEER-IN-CHIEF(PH)

## ଶୁଭେଚ୍ଛା ବାର୍ତ୍ତା

ସୁବର୍ଣ୍ଣପୁର ଉପଖଣ୍ଡସ୍ଥ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ନୂତନ ବର୍ଷ 2024 ଏବଂ ସୁବର୍ଣ୍ଣଲୋକ ମହୋତ୍ସବ 2024 ର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ମା ସୁରେଶ୍ୱରୀ ଙ୍କ ଅପାର କରୁଣା ରୁ ସମସ୍ତଙ୍କର ସୁଖମୟ ଜୀବନ କାମନା କରୁ ।

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

**ଅଧକ୍ଷ୍ୟ**
**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସୁବର୍ଣ୍ଣପୁର

ସୁବର୍ଣ୍ଣଲୋକମହୋତ୍ସବ-୨୦୨୪
"ମୁଁ ବି ପଢିବି, ମୁଁ ବି ବଢିବି"
"କନ୍ୟା ସନ୍ତାନଙ୍କୁ ବଞ୍ଚାନ୍ତୁ, କନ୍ୟା ସନ୍ତାନଙ୍କୁ ପଢାନ୍ତୁ"

ଆସନ୍ତୁ ସମସ୍ତେ ମିଶି କନ୍ୟା ସନ୍ତାନ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଲିଙ୍ଗଗତ ତାରତମ୍ୟ ଦୂର କରିବା ଏବଂ ସେମାନଙ୍କ ଭବିଷ୍ୟତ ଉନ୍ନତି ନିମନ୍ତେ କାମନା କରିବା ।

- ➢ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରିବା ନାହିଁ ଏବଂ ଏହାକୁ ପ୍ରତିରୋଧ କରିବା ।
- ➢କନ୍ୟା ସନ୍ତାନ ମାନଙ୍କୁ ଅଧିକାର ଓ ସୁରକ୍ଷା ପ୍ରଦାନ କରିବା ।
- ➢କନ୍ୟା ସନ୍ତାନ ମାନଙ୍କୁ ପାଠ ପଢାଇବା ଏବଂ ପୁଅ ମାନଙ୍କ ପରି ସମାନ ସୁବିଧା ସୁଯୋଗ ଦେବା ।
- ➢ସମସ୍ତ କାର୍ଯ୍ୟରେ କନ୍ୟା ସନ୍ତାନ ମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ।

"ବିଜୁ କନ୍ୟା ରତ୍ନ ଯୋଜନା"

ଶ୍ରୀ ବିମଳେନ୍ଦୁ ରାୟ
ଜିଲ୍ଲାପାଳ ତଥା ଅଧକ୍ଷ
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସୁବର୍ଣ୍ଣପୁର

ସୌଜନ୍ୟ:- ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସୁବର୍ଣ୍ଣପୁର

ଶ୍ରୀ ଚତୁର୍ଭୁଜ ଦାସ
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ସୁବର୍ଣ୍ଣପୁର

E-Mail ID: eerw_blgr@yahoo.co.in
O-2125

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: BOLANGIR

e Procurement Notice

IFB IDENTIFICATION NO. EEBLGR-Online-17/2023-24

| | | | |
|---|---|---|---|
| 1. | Name of work | : | Road Works |
| 2. | Total no of works | : | 8 ( Eight) nos |
| 3. | Approximate Estimated Cost | : | Rs 21.19 Lakh to 42.38Lakh |
| 4. | Time for completion | : | 1 (One) calendar month |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-17/2023-24 |

| Procurement Officer | Bid Identification No. | Availability of Tender on line for bidding From | To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Division. Bolangir | EEBLGR-online-17/2023-24 | 11.01.2024 at 11.00 A.M | 19.01.2024 upto 5.00PM | 18.01.2024 upto 1.00PM | 20.01.2024 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

OIPR : 25068/11/0027/2324

obcc
CAD-3598
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No. 163 Date: 04.01.2024
File: SMT-1990

NOTICE INVITING TENDER

| | | |
|---|---|---|
| 1. | Name of Work | Selection of an Agency for Design, Development, Implementation, Operation and Maintenance Support of Project Monitoring Dashboard for Works Department, Govt. of Odisha |
| 2. | Bid Identification No. of the Tender Document | 83/Tender/OBCC/2023-24 |
| 3. | Date of availability in e-procurement portal | From 10.01.2024 |
| 4. | Last date of receipt of pre-bid queries | up to 03.00 P.M of 16.01.2024 |
| 5. | Date & Time for Pre-bid Meeting | On 17.01.2024 at 04.00 P.M (Through Video Conferencing) https://meet.google.com/xdv-jbis-hpr |
| 6. | Date of issue of pre-bid clarifications | 22.01.2024 |
| 7. | Last Date & time of receipt of online bid | 08.02.2024 till 5.00 P.M. |
| 8. | Date of Opening of online technical bid | 09.02.2024 at 11:30 A.M |
| 9. | Period of completion | 16 Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/ RFP/Proposal without assigning any reasons thereof.

Sr. Chief General Manager-1
OIPR : 34161/11/0104/2324

PANCHAYAT SAMITI OFFICE, ATHAMALLIK
ପଞ୍ଚାୟତସମିତିକାର୍ଯ୍ୟାଳୟ,ଆଠମଲ୍ଲିକ
E-mail: ori-athamalik@nic.in

No. 40 /Dt.04.01.2024 i-580

*CORRIGENDUM*

*The following Corrigendums to the Tender Call Notice No.ALKB-02/2023-24 are issued to all concerned*

*01. the heading under the form Annexure-I i.e. "Quotation for supply installation connection of DG set of KIRLOSKAR make in 100 seated ST & SC Gilrs' Hostel of Painchkul Higher Secondary School, Aida" is to be read as* ***"Tender Call Notice for Establishment of 10MT Capacity Solar Cold Room under MIDH".***

*02. The last date of submission of quotation /Tender is extended up to* ***20.01.2024*** *and Tender will be opened on 22.01.2023 at 12.30 P.M.Those firms who have already submitted their Tender/quotations in Annexure-I for Establishment of 10MT Capacity Solar Cold Room need not submit further.*

*03. The Cost of Tender Paper for Rs.6000.00 (Rupees Six Thousand )only is to be submitted by the Bidder in shape of Demand Draft in favour of Block Development Officer, Athmallik payable at ICICI Bank, Athmallik . Those who have already submitted their bid, they have to deposit the Tender Paper Cost on or before opening of tender.*

*04. EMD @1% of Tender Cost i.e. Rs.15,000.00 (Rupees Fifteen Thousand) only in shape of TDS of Nationalized Bank /Post Office pledged in favour of Block Development Officer, Athmallik is to be submitted along with bid document. Those who have already submitted the bid document earlier, they have to submit the EMD on or before the date of opening of Tender.*

*05. The work will be executed as per the specification/direction of Deputy Director, Horticulture, Angul.*

Block Development Officer
Athmallik
OIPR : 19091/11/0002/2324

i-577

OFFICE OF THE PANCHAYAT SAMITI, ANGUL
(E-mail-ori-bangul@nic.in) Ph. 06764-230579

No. 52 Dt. 04.01.2024

***QUOTATION CALL NOTICE***

Quotation in sealed covers are invited from eligible and interested agencies for printing of **84326** nos of Booklets (1 Booklet contains 4 sheets of A-4 size Paper containing 16 coloured Photos and description) for documentation in respect of 34 G.P.s of Angul Block. Further for Block Level, 300 nos of Coloured Booklet containing 100 Pages (Cover Page-300 GSM, Inner Page- 130 GSM) in Odia Language will be printed.

The interested agencies can visit the District website of Angul District www.angul.nic.in to access the Detail Quotation Call Notice. The last date of receive of Quotation is Dt.16.01.2024 before 5.30 PM through Registered Post/ Speed Post only.

Block Development Officer
Angul
OIPR : 19073/11/0001/2324

## ସୁବର୍ଣ୍ଣ ଲୋକ ମହୋତ୍ସବ ଓ ସୁବର୍ଣ୍ଣ କୃଷି ଯନ୍ତ୍ରପାତି ମେଳା ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ

**ଚାଷୀ ଭାଇ ଭଉଣୀଙ୍କ ନିମନ୍ତେ ସୂଚନା**

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. କୃଷକ ଓଡିଶା, ଗୋସୁଗମ ପୋର୍ଟାଲରେ ପଂଜିକୃତ ହୋଇ ରିହାତି ଦରରେ କୃଷି ଯନ୍ତ୍ରପାତି କ୍ରୟ କରନ୍ତୁ।
୩. ଯେଉଁ ଚାଷୀ ଭାଇ ଭଉଣୀଙ୍କର ନ୍ୟୁନତମ ୦.୫ ଏକର ଅଣ ଜଳସେଚିତ ଚାଷ ଜମି ଏବଂ କୃଷକ ପରିଚୟ ସଂଖ୍ୟା ଥିବ ସେମାନେ ଡି.ବି.ଟି. ଜଳନିଧି ଯୋଜନାରେ ପଂଜିକରଣ କରି ରିହାତି ମୂଲ୍ୟରେ ବୋରୱେଲ କରିପାରିବେ।
୪. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୫. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଆନ୍ତୁ ଓ ସାବଲମ୍ବୀ ହୁଅନ୍ତୁ।
୬. ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର**

